

ଅପରିଣାମଦର୍ଶିତାର ଫଳ ସର୍ବଦା ବିଷମୟ ହୋଇଥାଏ।
- ସେନେକା

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ୩ୟ ମିଡିଆ କନକ୍ଲେଭ, ଅଡିଟୋରିୟମ-୭, କିଟ୍ କ୍ୟାମ୍ପସ, ସକାଳ ୯ଟା।
- ଓଡ଼ିଶା ପରିବେଶ ସମ୍ବନ୍ଧୀୟ ସମାଜ ପକ୍ଷରୁ ଓଡ଼ିଶା ବିଜ୍ଞାନ ଓ ପରିବେଶ କଂଗ୍ରେସ, ଆଇଟିଇଆର୍, ସୋଆ ବିଶ୍ୱବିଦ୍ୟାଳୟ, ପୂର୍ବାହ୍ନ ୧୦ଟା।
- ପୋଖରୀପୁଟସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ ବାର୍ଷିକ ମେଳା, ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।
- ଡା. ଅଭିନଚନ୍ଦ୍ର ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ, କଲେଜ ପରିସର, ୟୁନିଟ-୩, ଖାରବେଳନଗର, ପୂର୍ବାହ୍ନ ୧୧ଟା।
- ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ଲାଟିନମ ଜୁବୁଲି ଅବସରରେ ବୈଠକ, ଏମ୍‌କେସିଜି ଅଡିଟୋରିୟମ ହଲ, ଅପରାହ୍ନ ୩ଟା।
- 'କୋଶଳ ଟାଇମ' ପକ୍ଷରୁ ସମ୍ବର୍ଦ୍ଧନା ସଭା, ଉତ୍କଳ ଅଡିଟୋରିୟମ, ଅପରାହ୍ନ ୪ଟା ୩୫।
- ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ଶ୍ରୀ ଶ୍ରୀ ସତ୍ୟ ସାଇବାବାଙ୍କ ୯୪ତମ ଜୟନ୍ତୀ ପାଳନ, ସ୍କୁଲ କ୍ୟାମ୍ପସ, ପଟିଆ, ଅପରାହ୍ନ ୫ଟା।
- ଭୁବନେଶ୍ୱର ଆର୍ଟ କାଉନସିଲ ପକ୍ଷରୁ 'ଭୁବନେଶ୍ୱର ଆର୍ଟ ସମିଟ୍-୨୦୨୦', ଓଡ଼ିଶା ମର୍ଡନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା।
- ଗୁରୁଚରଣ ପଟ୍ଟନାୟକଙ୍କ ୧୧ତମ ରାଜ୍ୟସ୍ତରୀୟ ସ୍ମୃତିସମାରୋହ, ଭଗବତୀ ଭବନ, ଅପରାହ୍ନ ୫ଟା ୩୦।

**କଟକ**

- ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ ସ୍ମାରକୀ ବକ୍ତୃତା, ରାମକୃଷ୍ଣ କୁଟୀର, ବଙ୍ଗାଳି ସାହି, ପୂର୍ବାହ୍ନ ୧୦ଟା ୩୦।

**ପୁରୀ**

- ଜନ ଆନ୍ଦୋଳନମାନଙ୍କ ରାଷ୍ଟ୍ରୀୟ ସମନ୍ୱୟର ରାଷ୍ଟ୍ରୀୟ କମିଟି ପକ୍ଷରୁ ରାଷ୍ଟ୍ରୀୟ ସମ୍ମିଳନୀ, ଦୁଦୁଓାଲା ଧର୍ମଶାଳା, ପୂର୍ବାହ୍ନ ୧୧ଟା।

## ଚନ୍ଦକା ଗଲେ ୧୨ ଚିତ୍ରାହରିଣ

**ବାରଙ୍ଗ,୨୨।୧୧(ଡି.ଏନ.ଏ):** ନନ୍ଦନକାନନରୁ ଶୁକ୍ରବାର ୪ଟି ଚିତ୍ରାହରିଣକୁ ଚନ୍ଦକା ଜଙ୍ଗଲରେ ଛଡ଼ାଯାଇଛି। ନନ୍ଦନକାନନ କର୍ତ୍ତୃପକ୍ଷ ଶୁକ୍ରବାରକୁ ମିଶାଇ ଦୁଇଟି ପର୍ଯ୍ୟାୟରେ ସର୍ବମୋଟ ୧୨ଟି ଚିତ୍ରାହରିଣକୁ ଚନ୍ଦକା ଜଙ୍ଗଲରେ ଛାଡ଼ିଛନ୍ତି। ୨୦୦ଟି ଚିତ୍ରାହରିଣ ଛାଡ଼ିବା ଲକ୍ଷ୍ୟରେ ଆରମ୍ଭ ହୋଇଛି ଏହି ପ୍ରକ୍ରିୟା। ନନ୍ଦନକାନନରେ ଆଶାତୀତ ଭାବେ ଚିତ୍ରାହରିଣମାନଙ୍କ ସଂଖ୍ୟା ବୃଦ୍ଧି ହେବାରେ ଲାଗିଛି। ଏନକ୍ଲୋଜର ସହ ପରିସର ଜଙ୍ଗଲରେ ଚିତ୍ରାହରିଣମାନଙ୍କ ସଂଖ୍ୟା ବହୁତ ରହିଛି। ବୁଲାକୁକୁରଙ୍କ ଦୌରାତ୍ମ୍ୟ, ଜାଗାର ଅଭାବ ସହ ଦଳାଚକଟା ଯୋଗୁ ପ୍ରାୟ ସମୟରେ ଚିତ୍ରାହରିଣମାନଙ୍କର ମୃତ୍ୟୁ ଘଟିଥିବା ନଜିର ରହିଛି। ହରିଣମାନଙ୍କ ସୁରକ୍ଷା ଦୃଷ୍ଟିରେ ରଖି ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରାଥମିକ ପର୍ଯ୍ୟାୟରେ ଏନକ୍ଲୋଜରରେ ଥିବା ହରିଣମାନଙ୍କୁ ଚନ୍ଦକା ଜଙ୍ଗଲରେ ଛାଡିବାର ଯୋଜନା ଆରମ୍ଭ କରିଛନ୍ତି।

## ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପ୍ରତିଷ୍ଠାତାଙ୍କ ପିତୃ ବିୟୋଗ



**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ):** ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ତଥା ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ବିଜୟ କୁମାର ସାହୁଙ୍କ ପିତା ଅର୍ଜୁନ ସାହୁଙ୍କ ଶୁକ୍ରବାର ପରଲୋକ ଘଟିଛି। ସ୍ଥାନୀୟ ଶାସ୍ତ୍ରୀନଗର ବାସଭବନରେ ସେ ଇହଧାମ ତ୍ୟାଗ କରିଛନ୍ତି। ମୃତ୍ୟୁବେଳକୁ ତାଙ୍କୁ ୯୦ ବର୍ଷ ହୋଇଥିଲା। କଟକ ଜିଲା ନିଆଳି ବ୍ଲକ୍‌ର କୁଳଶ୍ରୀ ଗ୍ରାମରେ ଜନ୍ମଗ୍ରହଣ କରିଥିବା ଅର୍ଜୁନ ସାହୁ ଜଣେ ପରୋପକାରୀ ଓ ସାମାଜିକକର୍ମୀ ଭାବେ ଜଣାଶୁଣା ଥିଲେ। ସେ ଅନେକ ଏନ୍‌ଜିଓ, ଅନାଥାଶ୍ରମ ଓ ବୃଦ୍ଧାଶ୍ରମ ସହ ଜଡ଼ିତ ଥିଲେ। ଓଡ଼ିଶା ସରକାରଙ୍କ ତତ୍କାଳୀନ ସେରି କଲଚର (ଜିଓଓ) ବିଭାଗରେ ଉପନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟନିର୍ବାହ କରିଥିଲେ। ଏହାପରେ ସେ ନିଜସ୍ୱ ବ୍ୟବସାୟ ଆରମ୍ଭ କରିଥିଲେ। ତାଙ୍କ ଧର୍ମପତ୍ନୀ ସୁଶୀଳା ଦେବୀଙ୍କ ୨୦୧୪ରେ ମୃତ୍ୟୁ ଘଟିଥିଲା। ସ୍ୱର୍ଗତ ଅର୍ଜୁନ ସାହୁଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ପୁତ୍ର ବିଜୟ କୁମାର ସାହୁଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଶେଷକୃତ୍ୟ ସମୟରେ ତାଙ୍କର ଝିଅ, ବୋହୂ ଓ ନାତୁଣୀ ନାତି ମାନେ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ତାଙ୍କର ପୈତୃକ ଗାଁ ଓ ସାଇ ଇଣ୍ଟରନ୍ୟାଶନାଲ୍ ପରିବାରରେ ଶୋକର ଛାୟା ଖେଳିଯାଇଛି।

### ଶ୍ରୀମନ୍ଦିର ସୁରକ୍ଷା ଜୋନରୁ ଜମି ଅଧିଗ୍ରହଣ

# ୫୫ ଘରୋଇ ପ୍ଲଟର ସରିଛି ବିକ୍ରି କବଲା

**ପୁରୀ ଅଫିସ, ୨୨।୧୧**

- ଡିସେମ୍ବର ୨ରେ ଶେଷ ହେଉଛି ୧୦ ପ୍ରତିଶତର ଅବଧି
- ୧୦୦ ମିଟରକୁ ନେଇ ଭୟଭୀତ ନ ହେବାକୁ ପରାମର୍ଶ



ଶ୍ରୀମନ୍ଦିର ସୁରକ୍ଷା ଜୋନରେ ଜମି ଅଧିଗ୍ରହଣ ଚାଲିଛି। ଏହି ଜୋନ ମଧ୍ୟରେ ସମୁଦାୟ ୩୬୬ ପ୍ଲଟ ମଧ୍ୟରୁ ୧୮୫ ଘରୋଇ ପ୍ଲଟ ରହିଛି। ଏହି ଘରୋଇ ପ୍ଲଟ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୫୫ ପ୍ଲଟ ସେଲ୍‌ଡିଡ୍ (ବିକ୍ରି କବଲା) ସରିଛି। ତେବେ ସିଧାସଳଖ ଜମି ବିକ୍ରି କରୁଥିବା ପରିବାରକୁ ସ୍ୱତନ୍ତ୍ର ପ୍ୟାକେଜ ସହିତ ୧୦ ପ୍ରତିଶତ ଅଧିକ ସହାୟତା ରାଶି ଦିଆଯିବାକୁ ସରକାର ଯେଉଁ ଘୋଷଣା କରିଥିଲେ ତାହା ଆସନ୍ତା ଡିସେମ୍ବର ୨ରେ ଶେଷ ହେଉଛି। ଅନ୍ୟପକ୍ଷରେ ୧୦୦ ମିଟର ମାପଚୁପକୁ ନେଇ କେହି ଭୟଭୀତ ଏବଂ ଭ୍ରମରେ ନ ପଡନ୍ତୁ ବୋଲି ଜିଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଶ୍ରୀମନ୍ଦିର ସୁରକ୍ଷା ଜୋନର ସ୍ଥିତି ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ବଲୱନ୍ତ ସିଂ କହିଛନ୍ତି, ସୁରକ୍ଷା ଜୋନାରୁ ଜମି ଅଧିଗ୍ରହଣ ଏବଂ ସିଧାସଳଖ ଜମି କିଣିବା ଧାରା ଜାରି ରହିଛି। ବାକି ପ୍ଲଟର କାଗଜପତ୍ର ଯାଞ୍ଚ କରାଯାଉଛି। ଏଥିମଧ୍ୟରୁ କେତେକ ପ୍ଲଟ ଉପରେ କୋର୍ଟ ମାମଲା ଏବଂ ପାରିବାରିକ ସମସ୍ୟା ରହିଛି। ସମ୍ପୃକ୍ତ ବ୍ୟକ୍ତି ନିଜସ୍ତରରେ ଏହାର ସମାଧାନ ଉଦ୍ୟମ କରୁଛନ୍ତି। ତେବେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସିଧାସଳଖ ଜମି ହସ୍ତାନ୍ତରକାରୀଙ୍କୁ ସ୍ୱତନ୍ତ୍ର ପ୍ୟାକେଜ ସହ ଅଧିକ ୧୦ ପ୍ରତିଶତ ଅର୍ଥ ଦିଆଯିବା ପାଇଁ ଘୋଷଣା ହୋଇଥିଲା। ଆସନ୍ତା ଡିସେମ୍ବର ୨ରେ ଏହାର ଅବଧି ଶେଷ ହେଉଛି। ତେଣୁ ୨ ତାରିଖ ସନ୍ଧ୍ୟା ପୂର୍ବରୁ ସୁରକ୍ଷା ଜୋନରେ ଥିବା ସବୁ ଲୋକ ସିଧାସଳଖ ଜମି ହସ୍ତାନ୍ତର କରି ସ୍ୱତନ୍ତ୍ର ପ୍ୟାକେଜ ସହିତ ଅଧିକ ୧୦ ପ୍ରତିଶତ ଟଙ୍କା ନେବା ପାଇଁ ଜିଲାପାଳ କହିଥିଲେ। ସେହିପରି ସୁରକ୍ଷା ଜୋନ ମଧ୍ୟରେ ଥିବା ସବୁ ଲୋକଙ୍କ ସହ ପ୍ରଶାସନ ଯୋଗାଯୋଗରେ ଅଛି। ସମସ୍ତଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି। ପୂର୍ବରୁ ଭିତର ସେବାୟତ ନିଯୋଗ ଜମି ହସ୍ତାନ୍ତର କରିଥିବାବେଳେ ଆସନ୍ତା ୨୪ ତାରିଖରେ ପ୍ରତିହାରୀ ଭବନର ସାଧାରଣ ପରିଷଦ ବୈଠକ ରହିଛି। ସେମାନେ ବି ମହାପ୍ରଭୁଙ୍କ ପାଇଁ ତ୍ୟାଗ କରିବେ ବୋଲି ଆଶା କରିଛୁ ବୋଲି ଜିଲାପାଳ କହିଥିଲେ। ପର୍ଯ୍ୟାୟକ୍ରମେ ଲଜ୍‌ମାଲିକଙ୍କ ସେଲ୍‌ଡିଡ ଚାଲିଛି। ଅଧିକ ୧୦ ପ୍ରତିଶତ ସମୟ ଅବଧି ମଧ୍ୟରେ ସୁରକ୍ଷା ଜୋନର ସର୍ବାଧିକ ପ୍ଲଟର ବିକ୍ରି କବଲା ହୋଇସାରିଥିବ ବୋଲି ଆଶା ରଖିଥିବା ଜିଲାପାଳ ସୂଚନା ଦେଇଥିଲେ। ସୁରକ୍ଷା ଜୋନ ମଧ୍ୟରେ ଥିବା ମଠ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି। ମଠ ଠାକୁରଙ୍କ ବିଜେସ୍ଥଳୀ, ପୂଜାଘରକୁ ଛାଡି ଅନ୍ୟ ସବୁ ନିର୍ମାଣ ଭଙ୍ଗାଯିବ। ମଠ ମହନ୍ତ, ବିଦ୍ୟାର୍ଥୀ, ପୂଜକଙ୍କ ପାଇଁ ରହିବା ବ୍ୟବସ୍ଥା କରାଯିବ। ଏଥିଲାଗି ମେଘନାଦ ପାଚେରୀଠାରୁ ୧୦୦ ମିଟର ପରେ ଥିବା ମନ୍ଦିର ଏବଂ ସରକାରୀ ଜମିର ମାପଚୁପ କରାଯାଇଛି। କିନ୍ତୁ ଏହି ମାପକୁ ନେଇ ଯଦି କେହି ଗୁଜବ କରୁଥାନ୍ତି ତାଙ୍କ କଥାରେ ଭ୍ରମିତ ହେବାର ନାହିଁ। କେବଳ ମଠଗୁଡ଼ିକର ପୁନର୍ବିନ୍ୟାସ ପାଇଁ ଏହି ୧୦୦ ମିଟର ମାପଚୁପ ହୋଇଛି। ଏଥିରେ କେହି ଭୟଭୀତ ନ ହେବାକୁ ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ମଠ ସମ୍ପତ୍ତି ହେଉଛି ମହାପ୍ରଭୁଙ୍କର। ତେଣୁ ମଠ ଜମି ବାବଦରେ ମନ୍ଦିରକୁ ଚିଠି କରାଯିବ ଏବଂ ଦେବୋତ୍ତର କମିଶନରଙ୍କୁ ଜଣାଇ ମଠର ବିକାଶ ହେବ। ସୁରକ୍ଷା ଜୋନର ବିକାଶ ଏବଂ ଦର୍ଶନାର୍ଥୀଙ୍କ ପାଇଁ କଣ କାମ ହେବ ତାହା ଓବିସିସି କରିବ ବୋଲି ଜିଲାପାଳ ସୂଚନା ଦେଇଥିଲେ।

## ଓଡ଼ିଆ ସଂସ୍କୃତି, ପରମ୍ପରା ସମ୍ପର୍କରେ ଜାଣିଲେ ୭ ଦେଶର ପ୍ରତିନିଧି




**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଭାରତୀୟ କଳା, ସଂସ୍କୃତି, ପରମ୍ପରା ଓ ପାରିବାରିକ ମୂଲ୍ୟବୋଧ ସମ୍ପର୍କରେ ଅବଗତ ହେବାକୁ ୭ ରାଷ୍ଟ୍ରରୁ ଭାରତ ଆସିଥିବା ୩୨ଜଣିଆ ମହିଳା ପ୍ରତିନିଧି ଦଳ ଓଡ଼ିଶା ଗସ୍ତରେ ଆସିଛନ୍ତି। ଏହି ଅବସରରେ ସେମାନେ ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଶିକ୍ଷାବିତ୍ ଏବଂ ଗୃହିଣୀମାନଙ୍କ ସହ ଭାବର ଆଦାନପ୍ରଦାନ କରିଥିଲେ। 'ବସୁଧୈବ କୁଟୁମ୍ବକମ୍' କାର୍ଯ୍ୟକ୍ରମ ମାଧ୍ୟମରେ ସେମାନେ ଏହି ଭ୍ରମଣ କରୁଥିବାବେଳେ ଭୁବନେଶ୍ୱରଠାରେ ସେମାନେ ବିଭିନ୍ନ ପରିବାର ସହ ସମୟ ଅତିବାହିତ କରି ଓଡ଼ିଆ ସଂସ୍କୃତି ଓ ପାରିବାରିକ ମୂଲ୍ୟବୋଧ ସମ୍ପର୍କରେ ଜାଣିବାକୁ ପାଇଥିଲେ। ନୂଆଦିଲ୍ଲୀ ଓ ଜୟପୁର ପରେ ଭୁବନେଶ୍ୱର ଏବଂ ପରେ ସେମାନେ ବାଙ୍ଗାଲୋର ଓ ପୁଣେ ଯାଇ ସେଠାରୁ ନିଜ ନିଜ ଦେଶକୁ ଫେରିଯିବେ। ଫାଉଣ୍ଡେଶନ ଫର୍ ହୋଲିଷ୍ଟିକ୍ ଡେଭଲପମେଣ୍ଟ ଇନ୍ ଏକାଡେମିକ୍ ଫିଲ୍ଡ(ଏଫ୍‌ଏଚ୍‌ଡିଏଏଫ୍) ସହ ଇନ୍ଦିରାଗାନ୍ଧୀ ନ୍ୟାଶନାଲ ସେଣ୍ଟର ଫର୍ ଆର୍ଟସ, ଭାରତୀୟ ଶିକ୍ଷାମଣ୍ଡଳ ଏବଂ ବିଶ୍ୱଗ୍ରାମର ମିଳିତ ଆୟୋଜନରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏଫ୍‌ଏଚ୍‌ଡିଏଏଫ୍ ଅଧ୍ୟକ୍ଷା ମାଧୁରୀ ସହସ୍ରବୁଦ୍ଧେ କାର୍ଯ୍ୟକ୍ରମରେ ଯୋଗଦେଇ ମା' ମାନେ ଚାହିଁଲେ ସମାଜକୁ ପରିବର୍ତ୍ତନ କରିପାରିବେ ବୋଲି କହିଥିଲେ। ଏହି ଅବସରରେ ସୋଆ କୁଳପତି ପ୍ରଫେସର ଅମିତ ବାନାର୍ଜୀ, ସୋଆ ଆଡ୍‌ଭାଇଜରି ବୋର୍ଡ ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ସୋଆ ମେଡିକାଲ ପ୍ରୋଗ୍ରାମ ନିର୍ଦ୍ଦେଶକ ପ୍ରଫେସର ଅଶୋକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିଠାରୁ ସର୍ବଭାରତୀୟ ସାନ୍ତାଳୀ ଲେଖକ ମହାସମ୍ମିଳନୀ

**ସାନ୍ତାଳୀ ଭାଷା, ସାହିତ୍ୟକୁ ନେଇ ମାନସମନ୍ଥନ**

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ପ୍ରଥମଥର ଲାଗି ସର୍ବଭାରତୀୟ ସାନ୍ତାଳୀ ଲେଖକ ସମ୍ମିଳନୀ ସେପ୍ଟେମ୍ବର ୨୩ ଶନିବାର ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏହି ଦୁଇଦିନିଆ ଲେଖକ ସମାବେଶରେ ଓଡ଼ିଶା ସମେତ ବିହାର, ପଶ୍ଚିମବଙ୍ଗ, ଆସାମ, ଝାଡ଼ଖଣ୍ଡ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଶତାଧିକ ଲେଖକ, ବୁଦ୍ଧିଜୀବୀ ଓ ପ୍ରତିନିଧିମାନେ ଯୋଗଦେବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ମିଳନୀର ଉଦ୍‌ଘାଟନ କରିବେ। ସର୍ବଭାରତୀୟ ସାନ୍ତାଳୀ ଲେଖକ ସଂଘର ଏହି ମହାସମ୍ମିଳନୀ ଭୁବନେଶ୍ୱରର 'ଆଦିମ ଅୱାର ଜାର୍‌ପା' ସହଯୋଗରେ ଆୟୋଜିତ ହେବ। ସମାରୋହରେ ସାନ୍ତାଳୀ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ବିବିଧ ଆଲୋଚନା ହେବ।

# ସମସ୍ତ ଭାରତୀୟ ଭାଷାରେ ଲକ୍ଷ୍ମଣ ନାୟକଙ୍କ ଜୀବନୀ ପ୍ରକାଶ କରାଯାଉ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

**ଶହୀଦ ଲକ୍ଷ୍ମଣ ନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ**



ଭୁବନେଶ୍ୱର ସୂଚନା ଭବନଠାରେ ଅନୁଷ୍ଠିତ ଶହୀଦ ଲକ୍ଷ୍ମଣ ନାୟକ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

ଶହୀଦ ଲକ୍ଷ୍ମଣ ନାୟକ ଥିଲେ ସରଳତା, ନିର୍ଭୀକତା ଓ ସଂଗ୍ରାମର ପ୍ରତୀକ। ଜନଜାତି ଅସ୍ମିତା ଓ ସ୍ୱାଭିମାନର ସେ ଥିଲେ ପରିଚୟ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶକୁ ଜୀବନରେ ଅନୁସରଣ କରି ସେ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଶାର ଜଣେ ପରିଚିତ ଚେହେରାଭାବେ ସାମ୍ନାକୁ ଆସିଥିଲେ। ଜନଜାତିଙ୍କ ଜୀବନଧାରାକୁ ସେ ପ୍ରଭାବିତ କରିପାରିଥିଲେ ବୋଲି ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଶବରୀ ସାଂସ୍କୃତିକ ସଂସଦର ମିଳିତ ସହଯୋଗରେ ସୂଚନା ଭବନଠାରେ ଅନୁଷ୍ଠିତ ଶହୀଦ ଲକ୍ଷ୍ମଣ ନାୟକ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ ଲକ୍ଷ୍ମଣ ନାୟକ ସର୍ବଦା ଅବିସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ ଉତ୍ତରପିଢ଼ି ଲକ୍ଷ୍ମଣ ନାୟକଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜାତି ନିର୍ମାଣରେ ଭାଗିଦାର ହେବାକୁ ପରାମର୍ଶ ଦେଇଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ବିଧାୟକ ରଘୁନାଥ ଗମାଙ୍ଗ, ମନୋହର ରନ୍ଧାରୀ, ପ୍ରକାଶ ଚନ୍ଦ୍ର ମାଝୀ, ସଦାଶିବ ପ୍ରଧାନୀ, ତାରାପ୍ରସାଦ ବାହିନୀପତି, ସଂସଦର ଉପସଭାପତି ଗୌର ତ୍ରିପାଠୀ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ବିଶିଷ୍ଟ ଗବେଷକ ତଥା ସାହିତ୍ୟିକ ପ୍ରଦୀପ କୁମାର ମିଶ୍ର କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଗବେଷଣାଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ବନବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର, ଅନାଚାରର ବିରୋଧ ସହ ସବୁପ୍ରକାର ଶୋଷଣର ଅବସାନ ନିମନ୍ତେ ଶହୀଦ ଲକ୍ଷ୍ମଣ ନାୟକ ଜୀବନର ଶେଷ ପର୍ଯ୍ୟନ୍ତ ଉଦ୍ୟମ ଜାରି ରଖିଥିଲେ। ତାଙ୍କ ଜୀବନ କାହାଣୀ ବିଭିନ୍ନ ଭାରତୀୟ ଭାଷାରେ ପ୍ରକାଶ ପାଇଲେ ଭବିଷ୍ୟତ ପିଢ଼ି ଅଧିକ ସଚେତନ ଓ ଉପକୃତ ହେବେ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ପରେ ସୂଚନା ଓ ଲୋକସଂପର୍କ ବିଭାଗର ଉପନିର୍ଦ୍ଦେଶକ ବରଦା ପ୍ରସନ୍ନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଆନ୍ତଃସ୍କୁଲ ଓ କଲେଜସ୍ତରୀୟ ପ୍ରବନ୍ଧ ଏବଂ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶବରୀ ସାଂସ୍କୃତିକ ସଂସଦ ପକ୍ଷରୁ ସୁଶାନ୍ତ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂସଦର ଯୁଗ୍ମ ସଂପାଦକ ନୀଳମାଧବ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ଆଦିବାସୀ ନୃତ୍ୟ 'ଢେମ୍‌ସା' ପରିବେଷଣ କରାଯାଇଥିଲା। ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ସୁଭାଷ ସୂପକାର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସକାଳେ ୟୁନିଟ୍-୧ସ୍ଥିତ ଆଦିବାସୀ ପଡ଼ିଆ ଏବଂ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ମନ୍ତ୍ରୀ ସାର୍‌କାଙ୍କ ସହ ବିଧାୟକ ଏବଂ ସୂଚନା ଓ ଲୋକସଂପର୍କ ବିଭାଗର ସହକାରୀ ନିର୍ଦ୍ଦେଶକ (କ୍ଷେତ୍ର) ସନ୍ତୋଷ କୁମାର ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ମାଲ୍ୟାର୍ପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



ସଙ୍ଗୀତା



ଶୁଭ



ଅମିୟ



ସମ୍ବିଦ୍



କାହ୍ନୁ



ସନ୍ତୋଷ



ଲକ୍ଷ୍ମୀ



ସୋନାଲିସା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ www.dharitri.com/category/selfie/



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ
ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ବ୍ୟବସାୟୀଙ୍କ ଆତ୍ମହତ୍ୟା

ପାତ୍ରପଡା,୨୨।୧୧(ଡି.ଏନ.ଏ): ତମାଣ୍ଡୋ ଥାନା ଅଧୀନ ସ୍ଥାନୀୟ ବଜାର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟବସାୟୀ ଦୋକାନରେ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଳିଙ୍ଗନଗର କେ-୫ ଅଞ୍ଚଳରେ ରହୁଥିବା ଘନଶ୍ୟାମ ପାଣ୍ଡେ(୪୨)। ପୋଲିସ ସୂଚନା ମୁତାବକ ଘନଶ୍ୟାମ କିଛିଦିନ ହେଲା ତମାଣ୍ଡୋ ବଜାରରେ ଏକ ଜେରକ୍ସ ଦୋକାନ ଖୋଲିଥିଲେ। ଶୁକ୍ରବାର ସକାଳୁ ୯ଟାରେ ସେ ନିଜ ବାଇକ ଦୋକାନ ସମ୍ମୁଖରେ ରଖି ଦୋକାନ ଶଟର ଖୋଲି ଥିବା ବେଳେ ଅପରାହ୍ନରେ ସେ ଶଟର ଭିତରପଟୁ ବନ୍ଦ ରଖି ଫ୍ୟାନ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ପକ୍ଷରୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ନ ମିଳିବାରୁ ପରିବାର ଲୋକେ ଦୋକାନକୁ ଆସି ଶଟର ଟେକି ଘଟଣା ସମ୍ପର୍କରେ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରି ଏମ୍ସ ମେଡିକାଲରେ ସଂରକ୍ଷିତ ରଖିଛି।

### ଦୁର୍ଘଟଣାକୁ କେନ୍ଦ୍ରକରି ଆକ୍ରମଣ, ଯୁବକ ଗିରଫ

ପାତ୍ରପଡା,୨୨।୧୧(ଡି.ଏନ.ଏ): ଖଣ୍ଡଗିରି ଥାନା କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଦୁର୍ଘଟଣାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଗାଳିଗୁଲଜ ସହ ମାଡ ମାରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅନ୍ଧାରୁଆ ଅଞ୍ଚଳରେ ଦୀପକ ସ୍ୱାଇଁ (୨୦)। ପୋଲିସ ସୂଚନା ମୁତାବକ, ଶ୍ୟାମସୁନ୍ଦର ଅଞ୍ଚଳରେ ରହୁଥିବା ଜ୍ୟୋତ୍ସ୍ନାରାଣୀ ଦାସ ଯେ କି ଶହୀଦନଗର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସେ ନିଜ ଭାଇ ମନୋଜଙ୍କ ସହ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଷ୍ଟୁଡିଓ ଛକ ନିକଟରେ ନୀଜ ବାଇକ୍ ସହ ମନୋଜଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ କେନ୍ଦ୍ରକରି ଦୀପକ ଯୁବତୀଙ୍କୁ ଗାଳିଗୁଲଜ କରିବା ସହ ମନୋଜଙ୍କୁ ମାଡ କରିଥିଲେ। ଏ ନେଇ ଜ୍ୟୋତ୍ସ୍ନାରାଣୀଙ୍କ ଅଭିଯୋଗ କରିବାରେ ପୋଲିସ ୬୬୧/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଦୀପକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

### ମୋବାଇଲ ଟାୱାର ସାମଗ୍ରୀ ଚୋରି, ୩ ଗିରଫ

ବାଲିଅନ୍ତା,୨୨।୧୧(ଡି.ଏନ.ଏ)- ବାଲିଅନ୍ତା ଥାନା ଅନ୍ତର୍ଗତ ଡିହ ସାହିସ୍ଥିତ ମୋବାଇଲ ଟାୱାର ଷ୍ଟୋରରୁମରୁ ସାମଗ୍ରୀ ଚୋରି କରିବା ଅଭିଯୋଗରେ ପୋଲିସ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ, ପଶ୍ଚିମବଙ୍ଗ ମେଦିନପୁରର ସଦାମ ମଲ୍ଲିକ(୨୯), ପୂର୍ବ ମେଦିନପୁର ଅବଦୁଲ ହୁସେନ(୨୪) ଓ ଗଞ୍ଜାମ ଅଞ୍ଚଳର ଚିଣ୍ଟୁ ବେହେରା(୨୪)। ସମସ୍ତେ ଭୁବନେଶ୍ୱର ଖାରବେଳ ନଗର ଥାନା ଅଧୀନ ୟୁନିଟ-୩ ଅଞ୍ଚଳରେ ରହୁଥିଲେ। ଏ ନେଇ ପୋଲିସ ନଂ.୩୦୦/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ଗତ ୧୮ତାରିଖ ବିଳମ୍ବିତ ରାତିରେ ଏକ ଟାଟା ଏସିଇ ଗାଡ଼ିରେ ଏହି ତିନିଜଣ ଯୁବକ ଏହି ସବୁ ସାମଗ୍ରୀ ନେଉଥିଲେ। ଏହି ସମୟରେ ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏହି ଗାଡ଼ିକୁ ଅଟକାଇଥିଲା। ଫଳରେ ଗାଡ଼ି ଛାଡ଼ି ସମସ୍ତେ ଖସି ପଳାଇଥିଲେ। ପୋଲିସ ଗାଡ଼ିକୁ ଜବତ କରି ଗାଡି ନମ୍ବରକୁ ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଜବତ ସାମଗ୍ରୀର ମୂଲ୍ୟ ୩ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ପୋଲିସ କହିଛି।

### ମହିଳାଙ୍କ ମୃତ୍ୟୁକୁ ନେଇ ଅଭିଯୋଗ, ସ୍ୱାମୀ ଗିରଫ

ପାତ୍ରପଡା,୨୨।୧୧(ଡି.ଏନ.ଏ): ଖଣ୍ଡଗିରି ଥାନା ଜଗନ୍ନାଥ ବିହାର ଅଞ୍ଚଳରେ ରହୁଥିବା ଜଣେ ମହିଳା ଗତ ୧୦ ତାରିଖରେ ଆତ୍ମହତ୍ୟା କରିଥିବା ବେଳେ ମୃତକଙ୍କ ଭାଇ ସୁଧୀର ତାଙ୍କ ଭଉଣୀଙ୍କୁ ଚାପ ପ୍ରୟୋଗ କରିବା ସହ ନିର୍ଯାତନା ଦେଉଥିବା କାରଣରୁ ଏଭଳି ଘଟଣାକୁ ସନ୍ଦେହ କରି ମୃତ ଅନୀତାଙ୍କ ସ୍ୱାମୀ ଭାଗ୍ୟଧର ପରିଡାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏ ନେଇ ନଂ. ୬୫୨/୧୯ରେ ମାମଲା ରୁଜୁ କରି ଭାଗ୍ୟଧରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ବିଧାନସଭା ଆଗରେ ଶିଳ୍ପୀ, କାରିଗରଙ୍କ ବିକ୍ଷୋଭ

ଭୁବନେଶ୍ୱର,୨୨।୧୧(ବ୍ୟୁରୋ)




ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିକ୍ଷୋଭ।

ରାଜ୍ୟରେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପାଇଁ କଞ୍ଚାମାଲ ଅଭାବ ଏକ ଗୁରୁତର ସମସ୍ୟା ହୋଇ ରହିଛି। ଜାତୀୟ ହସ୍ତତନ୍ତ ଉନ୍ନୟନ ନିଗମ ବା ଏନ୍‌ଏଚ୍‌ଡିସିରୁ ସୂତା କିଣିବାକୁ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ବାଧ କରୁଥିବାବେଳେ ଠିକଣା ସମୟରେ ଓ ବଜାର ଅପେକ୍ଷା କମ୍ ମୂଲ୍ୟରେ ଏନ୍‌ଏଚ୍‌ଡିସି ବୁଣାକାରଙ୍କୁ ସୂତା ଯୋଗାଇ ପାରୁନାହିଁ। ଏପଟେ ରାଜ୍ୟରେ ପଥର ମିଳୁ ନ ଥିବାରୁ ରାଜ୍ୟର ପଥର କାରିଗର ବୃତ୍ତି ଛାଡୁଥିବାବେଳେ ପେଟ ପୋଷିବାକୁ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। ରାଜ୍ୟ ସରକାର ଶିଳ୍ପୀ ଓ ବୁଣାକାରଙ୍କ ପାଇଁ ମାଳ ମାଳ ଯୋଜନା ଓ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ସୁଫଳ ମିଳୁନି ବୋଲି ଅଭିଯୋଗ କରିଛି ଓଡ଼ିଶା ଶିଳ୍ପୀ ମହାସଂଘ। ଶିଳ୍ପୀ ଓ ବୁଣାକାରଙ୍କୁ ଅବହେଳା ପ୍ରତିବାଦରେ ଶୁକ୍ରବାର ଓଡ଼ିଶା ଶିଳ୍ପୀ ମହାସଂଘ ହଜାର ହଜାର କାରିଗରଙ୍କୁ ନେଇ ବିଧାନସଭା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲା।

**ଜୀବିକା ଛାଡ଼ିବାକୁ ବାଧ କରୁଛି କଞ୍ଚାମାଲ ଅଭାବ**

ମହାସଂଘର ସଭାପତି ଉଦୟ ମହାନ୍ତି ଓ ମୁଖ୍ୟ ଉପଦେଷ୍ଟା ପଦ୍ମଶ୍ରୀ ସୁଦର୍ଶନ ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଗଣଧାରଣା ଓ ବିକ୍ଷୋଭରେ ଶିଳ୍ପୀ ଓ କାରିଗରମାନଙ୍କ ଏକାଧିକ ଦାବି ଉପସ୍ଥାପନ କରାଯାଇଥିଲା। ଫନୀ ବାତ୍ୟାରେ ପ୍ରଭାବିତ କାରିଗରଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ, ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ଓ ବିକାଶ ପରିଷଦ କାର୍ଯ୍ୟକାରିତା, ନୂଆ ପରିଚାଳନା ବୋର୍ଡ ଗଠନ, ବରିଷ୍ଠ ଶିଳ୍ପୀ ଓ ବୁଣାକାରଙ୍କୁ ମାସିକ ସହାୟତା ରାଶି ପ୍ରଦାନ, ଏମ୍‌ଏସ୍‌ଏମ୍‌ଇ ବିଭାଗ ଅଧୀନରେ ଥିବା ଜିଲା ଶିଳ୍ପକେନ୍ଦ୍ରରୁ ଅଲଗା କରି ରାଜ୍ୟ ହସ୍ତଶିଳ୍ପୀଙ୍କ ସାମଗ୍ରିକ ବିକାଶ ପାଇଁ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅଧୀନରେ ଉଭୟ ରାଜ୍ୟ ଓ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଖୋଲିବା ଆଦି ମହାସଂଘ ଦାବି କରିଛି। ମହାସଂଘ ସମ୍ପାଦକ ପ୍ରିୟରଂଜନ କର, ଯତୀନ ସାହୁ, ଗଗନ ମହାରଣା, କାଳନ୍ଦୀ ବେହେରା ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

ଏଏସ୍‌ଆଇ ଶୁଣିଲାନି

# ନାଗ ମୂର୍ତ୍ତି ଉଦ୍ଧାର କଲା ମନ୍ଦିର ପ୍ରଶାସନ

ପୁରୁଣା ଭୁବନେଶ୍ୱର, ୨୨।୧୧ (ଡି.ଏନ.ଏ.)



ଅଳିଆରେ ପଡ଼ିଥିବା ନାଗମୂର୍ତ୍ତି।

ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ଥିବା ଡ଼ଷ୍ଟବିନ୍‌ରେ ବହୁ ପୁରାତନ ଧାତୁ ନିର୍ମିତ ନାଗ ମୂର୍ତ୍ତି ପଡ଼ିଥିବାର ଦୁଃଖଦ ଘଟଣା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହେବା ପରେ ଏ ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଗୁରୁବାରଠାରୁ ଡଷ୍ଟବିନ୍‌କୁ ଲାଗି ଭକ୍ତମଧୁ ହାଇସ୍କୁଲ ପ୍ରାଚୀର ନିକଟରେ ପଡି ରହିଥିବା ଦୁଇଗୋଟି ପୂଜା ପାଉଥିବା ନାଗ ମୂର୍ତ୍ତିକୁ ମନ୍ଦିର ପ୍ରଶାସନ ପକ୍ଷରୁ ଉଦ୍ଧାର କରାଯାଇଛି। ଲିଙ୍ଗରାଜ ଟେମ୍ପୁଲ ପୋଲିସ ଚନ୍ଦନ କୁମାର ଦାସ ଏବଂ ସୁବାସ ଚନ୍ଦ୍ର ଜେନା ସାପ ଦୁଇଟିକୁ ସେଠାରୁ ନେଇ ମନ୍ଦିର କାର୍ଯ୍ୟାଳୟରେ ହସ୍ତାନ୍ତର କରିଛନ୍ତି। ନିକଟରେ ଗର୍ଭଗୃହରୁ ବୃଷଭ ମୂର୍ତ୍ତି ଫୋପାଡାଯିବା ଏବଂ ମନ୍ଦିର ସମ୍ମୁଖରୁ ପୁରାତନ ସିଂହ ମୂର୍ତ୍ତି ଠିକାଦାରଙ୍କ ଦ୍ୱାରା ଫିଙ୍ଗାଯିବା ଘଟଣାକୁ ନେଇ ଏଏସଆଇକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଏହି ପରିପ୍ରେକ୍ଷୀରେ ଏଭଳି ଏକ ନାଗମୂର୍ତ୍ତି ଫିଙ୍ଗାଯିବା ଘଟଣା ଏଏସଆଇ ଦୃଷ୍ଟିଗୋଚର ହୋଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ପ୍ରକାଶ ନ କରିବା ଏଏସଆଇ କାର୍ଯ୍ୟାକଳାପ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ମିଲରଙ୍କଠାରୁ ଚାଉଳ ସଂଗ୍ରହରେ ମନମୁଖି କାର୍ଯ୍ୟ

# ତଦନ୍ତ ନିର୍ଦ୍ଦେଶ ଦେଲେ ସିସିଆଇ

କଟକ ଅଫିସ, ୨୨।୧୧

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମନମୁଖି କାର୍ଯ୍ୟର ତଦନ୍ତ ପାଇଁ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଏହାର ଡାଇରେକ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କମିଶନ ଉଭୟ ବିଭାଗ ଏବଂ ନିଗମକୁ ନୋଟିସ କରିଛନ୍ତି।

୨୦୧୫ ରୁ ୨୦୧୯ ପର୍ଯ୍ୟନ୍ତ ଖରିଫ ଏବଂ ରବି ଋତୁରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଚାଷୀମାନଙ୍କଠାରୁ ଧାନ କ୍ରୟ ଏହାକୁ ପ୍ରୋସେସିଂ ଓ ମହଜୁଦ୍ ରଖିବା ନିମନ୍ତେ ମିଲରମାନଙ୍କୁ ନିଯୁକ୍ତ କରିଥିଲା। ପରବର୍ତ୍ତୀ ସମୟରେ ମିଲରମାନେ ନେଇଥିବା ଧାନକୁ ଚାଉଳ କରି ଫେରସ୍ତ ଦେବା କଥା। ମାତ୍ର ନିଗମ ମିଲରମାନଙ୍କଠାରୁ ଖାମଖିଆଲି ଭାବେ ଚାଉଳ ସଂଗ୍ରହ କରିଥିଲା। ଯେଉଁ ମିଲରଙ୍କଠାରୁ ଯେତିକି ଚାଉଳ ଉଠାଇବା କଥା ନିଗମ ସେତିକି ଚାଉଳ ଉଠାଇ ନ ଥିଲା। ଫଳରେ ଅନେକ ମିଲର ଷ୍ଟୋରେଜ ଏବଂ ପ୍ରୋସେସିଂ ବାବଦରେ କ୍ଷତି ସହିଥିଲେ। ଏହା ପରବର୍ଷ ଧାନ କ୍ରୟ ସମୟରେ ଅନେକ ମିଲରଙ୍କୁ ପୂର୍ବ ବର୍ଷର ଚାଉଳ ଦେଇ ନ ଥିବାରୁ ସେମାନଙ୍କୁ ଖିଲାପି ଦର୍ଶାଇ ଆଉ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇ ନ ଥିଲା। ଚାଉଳ ନେବା ପରେ ନିଗମ ମିଲରମାନଙ୍କୁ ଠିକ୍ ସମୟରେ ଟଙ୍କା ପ୍ରଦାନ କରି ନ ଥିଲା। ଅନ୍ୟପକ୍ଷରେ ମିଲରମାନଙ୍କ ପାଖରେ ଗଚ୍ଛିତ ଧାନ ଓ ଚାଉଳର ବୀମା ନିଗମ ପକ୍ଷରୁ କରାଯାଉଥିବାବେଳେ ଏହାର ପ୍ରିମିୟମ ଅର୍ଥ ମିଲରମାନଙ୍କଠାରୁ ଆଦାୟ କରାଯାଉଛି। ହେଲେ ମିଲରମାନଙ୍କ କ୍ଷତି ଘଟିଲେ ଠିକ୍ ଭାବେ ଭରଣା କରାଯାଉ ନ ଥିବା ଅଭିଯୋଗ ହୋଇଛି। ସମ୍ବଲପୁରର ମା' ମେଟକାନୀ ରାଇସ୍ ମିଲ ଉପରୋକ୍ତ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ନ୍ୟାୟ ପାଇଁ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆଙ୍କ ଦ୍ୱାରସ୍ଥ ହୋଇଥିଲା। ଅଭିଯୋଗକାରୀଙ୍କ ତରଫରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଏବଂ ଅଭିଷେକ ଚୌଧୁରୀ ଏହି ମାମଲା ରୁଜୁ କରିଥିଲେ। ମାମଲାକୁ ଗମ୍ଭୀରତାର ଗହଣ କରି କମିଶନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ନାଟ୍ୟକାର କୃତ୍ତିବାସ ନାୟକ ପାଇବେ ଆଦିନାଟ୍ୟକାର ସମ୍ମାନ

କଟକ ଅଫିସ, ୨୨।୧୧

ଆଦିନାଟ୍ୟକାର ସ୍ମୃତି ସଂସଦ ପକ୍ଷରୁ ଚଳିତବର୍ଷ ମର୍ଯ୍ୟାଦାଜନକ ଆଦିନାଟ୍ୟକାର ସମ୍ମାନ ନାଟ୍ୟକାର କୃତ୍ତିବାସ ନାୟକଙ୍କୁ ପ୍ରଦାନ କରାଯିବ। ନାଟ୍ୟକାର ନାୟକଙ୍କ ରଚିତ ପାଠଶାଳା, ବୃତ୍ତର କେନ୍ଦ୍ରବିନ୍ଦୁ, ଅଲିଭା ଦାଗ, ବିବାହ, ପ୍ରେମିକା, ଧୂଳିଘର, ମୁଁ ସ୍ୱାତୀ ମହାପାତ୍ର ପ୍ରଭୃତି ନାଟକ ଓଡ଼ିଶାର ସାରସ୍ୱତ ଜଗତରେ ଖ୍ୟାତି ଅର୍ଜନ କରିଛି। ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ ପଦରୁ ଅବସର ନେଲାପରେ ସେ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ। ଆସନ୍ତା ୨୫ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ସଂସଦର ସମ୍ପାଦକ ସୁକାନ୍ତ କୁମାର ନନ୍ଦ କହିଛନ୍ତି।

# ଚାକିରି ଆଳରେ ଯୁବତୀଙ୍କୁ ଠକେଇ

## ସ୍ୱାମୀଙ୍କ ନାମରେ ଅଭିଯୋଗ ଆଣିଲେ ସ୍ତ୍ରୀ

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଯୁବତୀ ଯୁବକମାନଙ୍କୁ ଚାକିରି କରାଇଦେବା ଆଳରେ ଠକିବା ସହ ତାଙ୍କ ସ୍ତ୍ରୀଙ୍କୁ ପ୍ରତାରଣା କରିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏଥିସହ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଅଞ୍ଚଳରେ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପୃକ୍ତ ବ୍ୟକ୍ତି ଥିବାବେଳେ ସ୍ତ୍ରୀ ପହଞ୍ଚିବାରୁ ତୁମୁଳ କାଣ୍ଡ ଘଟିଥିଲା। ଏ ନେଇ ତାଙ୍କ ପ୍ରଥମ ସ୍ତ୍ରୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ତାଙ୍କ ପ୍ରଥମ ସ୍ତ୍ରୀଙ୍କ ଅଭିଯୋଗ ମୁତାବକ ୧୦ ବର୍ଷ ତଳେ ଉଭୟ ହିନ୍ଦୁ ରୀତିନୀତିରେ ଉଭୟ ବିବାହ କରିଥିଲେ। ଏପରି କି ଉଭୟଙ୍କର ଦୁଇଟି ପୁତ୍ର ସନ୍ତାନ ଅଛନ୍ତି। ମାତ୍ର କିଛି ଦିନ ହେବ ଅନ୍ୟ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ବିବାହ କରି ରହୁଥିବା ପ୍ରଥମ ସ୍ତ୍ରୀ ଖବର ପାଇଥିଲେ। ଶୁକ୍ରବାର ସେ ପରିବାର ଲୋକଙ୍କ ସହ ସତ୍ୟବିହାରସ୍ଥିତ ଘରେ ପହଞ୍ଚିବା ପରେ ସ୍ୱାମୀ ସ୍ତ୍ରୀ ଓ ଅନ୍ୟ ମହିଳାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଖବର ପାଇ ପୋଲିସ ପହଞ୍ଚି ସମସ୍ତଙ୍କୁ ଥାନାକୁ ଆଣିଥିଲା। ତାଙ୍କ ସ୍ୱାମୀ ୩ ଜଣଙ୍କୁ ବିବାହ କରିବା ସହ ଅନେକ ଯୁବତୀଙ୍କୁ ଚାକିରି କରାଇଦେବା ଆଳରେ ଜୀବନ ବରବାଦ କରିଥିବା ପ୍ରଥମ ସ୍ତ୍ରୀ ଅଭିଯୋଗ କରିଛନ୍ତି।

# ୨୫ରେ ଭୁବନେଶ୍ୱରରେ ଦକ୍ଷତା ମେଳା

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ସୋସିଆଲ ସ୍ମାର୍ଟ ପ୍ରକଳ୍ପ ମାଧ୍ୟମରେ ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ ଆସନ୍ତା ୨୫ ତାରିଖ ସୋମବାର ଶହୀଦନଗର କଲ୍ୟାଣ ମଣ୍ଡପଠାରେ ଆୟୋଜନ କରୁଛି ଦକ୍ଷତା ମେଳା। କୁଶଳୀ ନିଯୁକ୍ତି ଆଶାୟୀ ଓ କର୍ମସଂସ୍ଥାନ ତଥା ଅନୁଷ୍ଠାନଙ୍କୁ ଏକଜୁଟ କରିବା ମେଳାର ଲକ୍ଷ୍ୟ ରହିଛି। ଶିବିରରେ ୧୨ ଅନୁଷ୍ଠାନ ଯୋଗଦେବାକୁ ଥିବାବେଳେ ୨୦୦ କୁଶଳୀ ଯୋଗ ଦେବେ। ସ୍କିଲ୍ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ, କାମ୍ପାଭାଇ ଭୋକେଶନାଲ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍, ଉପାସନା ଏଜୁକେଶନାଲ ଟ୍ରଷ୍ଟ, ଭୁବନେଶ୍ୱର ସରକାରୀ ଆଇଟିଆଇ, ଅର୍ବାନ ମାଇକ୍ରୋ ବିଜିନେସ୍ ସେଣ୍ଟର, ଆଇସିଆଇସିଆଇ ଏକାଡେମୀ ଅଫ୍ ସ୍କିଲସ, ସେଣ୍ଟ୍ରାଲ ଟୁଲ୍-ରୁମ୍ ଆଣ୍ଡ୍ ଟ୍ରେନିଂ ସେଣ୍ଟର, ସିଭିରମଣ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, ଭୋକେଶନାଲ ରିହାବିଲିଟେଶନ ସେଣ୍ଟର, ଟେକ୍ ମହିନ୍ଦ୍ରା ଫାଉଣ୍ଡେଶନ୍, ଏଡୁବ୍ରିଜ୍ ଲର୍ନିଂ ପ୍ରାଇଭେଟ ଲିମିଟେଡ ଏବଂ ଟ୍ରାଇଡେଣ୍ଟ ଏକାଡେମୀ ଅଫ୍ ଟେକ୍ନୋଲୋଜି ପ୍ରମୁଖ ଏହି ମେଳାରେ ଯୋଗ ଦେବେ। ସୂଚନାଯୋଗ୍ୟ, ଏହି ଦକ୍ଷତା ମେଳାରେ ତୃତୀୟ ଲିଙ୍ଗ ଏବଂ ଦିବ୍ୟାଙ୍ଗମାନଙ୍କୁ ସ୍ୱତନ୍ତ୍ର ଭାବେ ଧ୍ୟାନ ଦିଆଯାଉଛି।

### ଦୁର୍ଘଟଣାରେ ପର୍ଯ୍ୟଟକ ଆହତ

ପୁରୁଣା ଭୁବନେଶ୍ୱର, ୨୨।୧୧ (ଡି.ଏନ.ଏ.)

ଶ୍ରୀଲିଙ୍ଗରାଜ ମନ୍ଦିର ଦର୍ଶନରେ ଆସିଥିବା ମହିଳା ପର୍ଯ୍ୟଟକ ଦୁର୍ଘଟଣାର ଶିକାର ହୋଇଛନ୍ତି। ଶୁକ୍ରବାର ଅପରାହ୍ନରେ ଟାଙ୍ଗୀ ଥାନା ଅନ୍ତର୍ଗତ ଜରିଆ ପାଟଣା ଗ୍ରାମର ୬୫ ବର୍ଷିୟା ପର୍ଯ୍ୟଟକ ଉଲ୍ଲାସ ଭୋଇ ତାଙ୍କ ପରିବାର ସଦସ୍ୟଙ୍କ ସହ କେଦାରଗୌରୀ ମନ୍ଦିର ଦର୍ଶନ କରିବା ପରେ ସପରିବାରେ ବିନ୍ଦୁସାଗର ପାଖକୁ ଆସିଥିଲେ। ଶ୍ରୀ ଲିଙ୍ଗରାଜଙ୍କୁ ଦର୍ଶନ ନିମନ୍ତେ ଆସୁଥିବା ସମୟରେ ପଛପଟୁ ଦ୍ରୁତଗତିରେ ବାଇକ୍ (ନଂ. ଓଆର ୦୨ ବିଏନ ୭୮୨୬) ଧକ୍କା ଦେଇ ପଳାଇ ହୋଇଯାଇଥିଲା। ଉଲ୍ଲାସଙ୍କ ପଛରେ ଚାଲିକରି ଆସୁଥିବା ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ବିଏମ୍‌ଏସି ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତୀ କରିଥିଲେ। ଉଲ୍ଲାସଙ୍କ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଛି। ପରେ ପରିବାର ତରଫରୁ ସ୍ଥାନୀୟ ଲିଙ୍ଗରାଜ ଥାନରେ ଏନେଇ ଲିଖିତ ଅଭିଯୋଗ କରାଯାଇଛି ।




ଓଡ଼ିଶା ସମବାୟ କର୍ମଚାରୀ ମହାସଙ୍ଘ ପକ୍ଷରୁ ୫ ଦଫା ଦାବି ନେଇ ଶୁକ୍ରବାର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ପ୍ରଦର୍ଶନ।

# ୬ ଦୋକାନରୁ ସିରିଜ ଚୋରି

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ): ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ୬ଟି ଦୋକାନରେ ଚୋରି ହୋଇଛି। ଚକେଇଶିଆଣୀ ଅଞ୍ଚଳରେ ୩ଟି ଦୋକାନ ଏବଂ ଇଡ୍‌କୋ ମାର୍କେଟରେ ଥିବା ୩ଟି ଦୋକାନରେ ଚୋରି ନେଇ ଥାନାରେ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ଚକେଇଶିଆଣୀ ଅଞ୍ଚଳରେ ଅବଦୁଲ ଅଲ୍ଲୀଙ୍କ ଗ୍ୟାରେଜରୁ ପ୍ରାୟ ୧୫ ହଜାର ଟଙ୍କାର ବ୍ୟାଟେରି ଏବଂ ଅନ୍ୟାନ୍ୟ ଯନ୍ତ୍ରପାତି ଚୋରି ହୋଇଛି। ରାଜେଶ ସାମଲଙ୍କ ମୋବାଇଲ ଦୋକାନରୁ ପ୍ରାୟ ୩୦ହଜାର ଟଙ୍କାର ମୋବାଇଲ ଫୋନ୍ ଚୋରାଇ ନିଆଯାଇଛି। ସେହିପରି ଲକ୍ଷ୍ମୀଧର ବେହେରାଙ୍କ ଇଲେକ୍ଟ୍ରିକାଲ ଦୋକାନରୁ ୨୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କାର କପର ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଛି। ସେହିପରି ଇଡକୋ ମାର୍କେଟରୁ ଏକ ଟେଲରିଂ ଦୋକାନ, ମେଡିସିନ ଦୋକାନ ଓ ମୋବାଇଲ ଫୋନ୍ ଦୋକାନରୁ କବାଟ ଭାଙ୍ଗି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ତଦନ୍ତ ଜାରି ରଖିଛି।

### ପୂଜ୍ୟପୂଜାର ମାସିକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ପୂଜ୍ୟପୂଜାର ମାସିକ ଆଲୋଚନାଚକ୍ର ପ୍ରେମଲତା ଦେବୀଙ୍କ ସଭାପତିତ୍ୱରେ ଓଡ଼ିଶା ଲେଖକ ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସନ୍ଥ ଅଭିରାମ ପରମହଂସ ଦେବଙ୍କ ରଚିତ 'କଳି ଭାଗବତ' ଓଡ଼ିଆ ସାହିତ୍ୟର ଅମୂଲ୍ୟ ଗ୍ରନ୍ଥ ବୋଲି ମୁଖ୍ୟବକ୍ତା ମିନତି ଷଡ଼ଙ୍ଗୀ ମତ ଦେଇଥିଲେ।

# ଦର୍ଶନ ଜୀବନ ଜିଇଁବାର ଅଧିକାର

ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)

ସଂସ୍କୃତି ଜୀବନଧାରାର ରାହା ହୋଇଥିଲେ, ଦର୍ଶନ ଜୀବନ ଜିଇଁବାର ଅଧିକାର ବୋଲି କହିଛନ୍ତି ବିଶିଷ୍ଟ ଦାର୍ଶନିକ ପ୍ରଫେସର ପ୍ରଫୁଲ୍ଲ କୁମାର ମହାପାତ୍ର। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁବାର ବିଶ୍ୱ ଦର୍ଶନ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ମହାପାତ୍ର ଯୋଗଦେଇ ଏହା କହିଥିଲେ। ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଜଗନ୍ନାଥ କୁଅଁର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମର ଆଲୋଚ୍ୟ ପ୍ରସଙ୍ଗ ଥିଲା 'ଦର୍ଶନ କଳା ଓ ସଂସ୍କୃତି: ଜୈନ ଧର୍ମ ପରିପ୍ରେକ୍ଷୀରେ'। ସମ୍ମାନିତ ଅତିଥି ଭାବେ ପ୍ରଫେସର ଅଶୋକ ପଟ୍ଟନାୟକ ଓ ବିଶିଷ୍ଟ ବକ୍ତା ଭାବେ ଡ. କଲ୍ୟାଣୀ ଷଡଙ୍ଗୀ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଜୈନ ଐତିହ୍ୟ ସମ୍ପର୍କିତ ଡକ୍ୟୁମେଣ୍ଟାରୀ ସିଡୀ ପ୍ରଦାନ କରାଯାଇଥିଲା। ସେହିପରି ଫଟୋଚିତ୍ର ଓ ରଙ୍ଗୋଲି ପ୍ରଦର୍ଶନୀ ହୋଇଥିଲା। ଆଇଆଇଟିଏମ୍ ଗ୍ୱାଲିୟର ନିର୍ଦ୍ଦେଶକ ପ୍ରଫେସର ଶରତ କୁମାର ଲେଙ୍କା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ।




ଶୁକ୍ରବାର ମାରିଆନ ହୋଟେଲ୍‌ଠାରେ ଆୟୋଜିତ ଓଡ଼ିଶା ରାଜ୍ୟ ନିରାପତ୍ତା କନ୍‌କ୍ଲେଭରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

ଅନିଲ ଜେନା ହତ୍ୟାକାଣ୍ଡକୁ ୧୫ଦିନ ପୂରିଲା: ପୋଲିସ ହାତ ଖାଲି

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ଭୁବନେଶ୍ୱର (ବ୍ୟୁରୋ)/ପାତ୍ରପଡା, ୨୨।୧୧(ଡି.ଏନ.ଏ)




ମହମବତୀ ଜାଳି ବାହାଦଲପୁର ଅଞ୍ଚଳର ଲୋକେ ରାସ୍ତାରୋକୋ କରୁଛନ୍ତି।

ଅନିଲ ଜେନା ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି ନେଇ ବାହାଦଲପୁର ଅଞ୍ଚଳର ଶତାଧିକ ଲୋକେ ଶୁକ୍ରବାର ରାତିରେ ଖଣ୍ଡଗିରି ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଆଇଗିଣିଆ ଆଲୁଗଦିଠାରେ ରାସ୍ତାରୋକୋ କରିଥିଲେ। ଖବର ପାଇ ଜୋନ୍ -୩ ଏସିପି ପ୍ରାଣକୃଷ୍ଣ ରାଉତ, ଖଣ୍ଡଗିରି ଥାନା ଅଧିକାରୀ ପ୍ରମୁଖ ପହଞ୍ଚି ଅବରୋଧକାରୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

ପୋଲିସ ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ଅଧୀନ ବାହାଦଲପୁର ଅଞ୍ଚଳରେ ଗତ ୭ ତାରିଖରେ ଅନିଲ ଜେନା ଓ ତାଙ୍କ ବାପା ଅଭିମନ୍ୟୁଙ୍କୁ ଗୁଳିମାଡ଼ ହୋଇଥିଲା। ଏଥିରେ ଅନିଲଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ବାପା ଗୁରୁତର ଆହତ ହୋଇଥିଲେ। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ବାହାଦଲପୁର ଗାଁରେ ଲୋକେ ପୋଲିସ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଘଟଣାର ୧୫ଦିନ ବିତି ଯାଇଥିଲେ ହେଁ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିପାରି ନାହିଁ। ୪ଦିନ ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ନିଶା କାରବାରକୁ ବନ୍ଦ କରିବା ପାଇଁ ଆନ୍ଦୋଳନକାରୀମାନେ ଦାବି କରିଛନ୍ତି।



"ଅଗ୍ନିକୁ ବିଶ୍ୱାସୀ ଚାକର ରୂପେ କାର୍ଯ୍ୟରେ ଲଗାଅ, କିନ୍ତୁ ଦୁର୍ଦ୍ଦାନ୍ତ ପ୍ରଭୁରୂପେ ନୁହେଁ।
- ବେଞ୍ଜାମିନ୍ ଫ୍ରାଙ୍କଲିନ୍

## ସଂକ୍ଷେପରେ

### ଇତିହାସ ରଚିଲା ଓଲିଉଡ୍ ଆମେରିକାରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର 'ଛବିରାଣୀ'

**କଟକ ଅଫିସ,୨୨।୧୧:** ଆଠ ଦଶନ୍ଧି ଅତିକ୍ରମ କରିବା ପରେ ଓଡ଼ିଆ ସିନେ ଜଗତ ତଥା ଓଲିଉଡ୍ ଏକ ଭିନ୍ନ ଧରଣରେ ଇତିହାସ ରଚିଛି। ପ୍ରଥମଥର ନିମନ୍ତେ ଓଡ଼ିଶାର ଏକ ଫିଲ୍ମ ଆମେରିକାର ହଲ୍‌ରେ ମୁକ୍ତିଲାଭ କରିବାକୁ ଯାଉଛି। ବହୁ ଚର୍ଚ୍ଚିତ ଛବିରାଣୀ ହତ୍ୟାକାଣ୍ଡ ଉପରେ ନିର୍ମିତ ଚଳଚ୍ଚିତ୍ର 'ଛବିରାଣୀ' ଆମେରିକା ବୋଷ୍ଟନ ସହରର ବେଲମସ୍ ଫୋର୍ଡ ହଲ୍‌ରେ ଶନିବାର ସନ୍ଧ୍ୟା ୬ଟା(ଭାରତୀୟ ସମୟ-ରବିବାର ଭୋର୍ ୪ଟା)ରେ ମୁକ୍ତିଲାଭ କରିବ। ଓଡ଼ିଆ ସୋଶାଇଟ୍ ଅଫ ନ୍ୟୁ ଇଂଲ୍ୟାଣ୍ଡ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସ୍ଥାନୀୟ ସର୍କିଟ ହାଉସରେ ଶୁକ୍ରବାର ଆୟୋଜିତ ଖବରଦାତାରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ବବି ଇସ୍‌ଲାମ ଉପସ୍ଥିତ ରହି ମୁକ୍ତିଲାଭ ସମ୍ପର୍କରେ ସମସ୍ତ ସୂଚନା ଦେଇଥିଲେ। ପ୍ରବାସୀ ଓଡ଼ିଆ ଅକ୍ଷୟ ମହାନ୍ତି, ଦେବଦତ୍ତ ବେହେରା, ସୂର୍ଯ୍ୟ ମହାପାତ୍ର ଓଡ଼ିଆ ସିନେ ଜଗତକୁ ଆଉ ଏକ ପାଦ ଆଗକୁ ନେବା ନିମନ୍ତେ ଏହି ପଦକ୍ଷେପ ନେଇଛନ୍ତି। ଏହି ସମ୍ମିଳନୀରେ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ନାୟକ ଅମନ ପରାସର, ସନ୍ଦୀପ ପାଣି, ବାବୁ ପ୍ରଧାନ, ମିଟୁ ମିଥୁନ, ମୁଖ୍ୟ ବ୍ୟବସ୍ଥାପକ ଚିତ୍ତରଞ୍ଜନ ଆଚାର୍ଯ୍ୟ, ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅନ୍ୟ ଦେଶର ସିନେମା ହଲ୍‌ରେ ଏହାକୁ ମୁକ୍ତିଲାଭ କରିବାକୁ ଚେଷ୍ଟା କରାଯାଉଛି ବୋଲି ନିର୍ଦ୍ଦେଶକ ଇସ୍‌ଲାମ କହିଥିଲେ। ଅନ୍ୟପକ୍ଷରେ କିଛିଦିନ ପୂର୍ବେ ଚଳଚ୍ଚିତ୍ରକୁ ନେଇ ଜଣେ ଯୁବକ ଭୁଲ୍ ତଥ୍ୟ ଦେବା ସହ ପ୍ରଚାର, ପ୍ରସାରରେ ବାଧା ଉପୁଜାଇବାକୁ ଚେଷ୍ଟା କରିଥିଲେ। ଯାହା ଓଲିଉଡ୍ ପାଇଁ କ୍ଷତି ପହଞ୍ଚାଇବା ଉକ୍ତ ଯୁବକଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ବୋଲି ଇସ୍‌ଲାମ ଏହି ଅବସରରେ କହିଛନ୍ତି। ସୂଚନାଥାଉ କି, ବୁଦ୍ଧଦେବ ସାହୁ, ମନୋରମା ମହାପାତ୍ର ଓ ବୀରେନ ମହାପାତ୍ରଙ୍କ ଦ୍ୱାରା ପ୍ରଯୋଜନାରେ ନିର୍ମାଣ ହୋଇଥିବା ଛବିରାଣୀ ଚଳଚ୍ଚିତ୍ର ଓଡ଼ିଶାରେ ଗତ ସେପ୍ଟେମ୍ବର ୧୯ରେ ମୁକ୍ତିଲାଭ କରିଥିଲା।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପୂର୍ବତନ ବନ ବିଭାଗ ଅଧିକାରୀ ଦଣ୍ଡିତ

**କଟକ ଅଫିସ, ୨୨।୧୧:** ବନ ବିଭାଗ ୟୁଟିଲାଇଜେଶନ ଡିଭିଜନର ପୂର୍ବତନ ସହକାରୀ ସଂରକ୍ଷକ ରବିନାରାୟଣ ନାୟକ ଭିଜିଲାନ୍ସ ଅଦାଲତରେ ଦଣ୍ଡିତ ହୋଇଛନ୍ତି। ଏବେ ସେ ଅବସରପ୍ରାପ୍ତ। ସେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ତାଙ୍କ ବିରୋଧରେ କଟକ ଭିଜିଲାନ୍ସ ଥାନାରେ ମାମଲା(ନଂ.୯/୧୯୯୩) ରୁଜୁ ହୋଇଥିଲା। ଆଗତ ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି କରି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଏହି ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ନାୟକଙ୍କୁ ୨ ବର୍ଷ ଜେଲ୍ ଓ ୨୦ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରାଯାଇଛି। ଜରିମାନା ଅର୍ଥ ଅନାଦାୟ ଅଭିଯୁକ୍ତଙ୍କୁ ଅଧିକ ୪ ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି। ସୂଚନାଥାଉ କି, ୧୯୯୩ ଫେବୃୟାରୀ ୨୦ ଓ ୨୧ ତାରିଖରେ ଭିଜିଲାନ୍ସ ପକ୍ଷରୁ ନାୟକଙ୍କ କେନ୍ଦ୍ରାପଡ଼ା ଜିଲା ମଧୁପଡ଼ାସ୍ଥିତ ଘର ଓ କଟକରେ ଥିବା ଅଫିସ ଆଦି ସ୍ଥାନରେ ଭିଜିଲାନ୍ସ ଯାଞ୍ଚ କରିଥିଲା। ତଦନ୍ତ ପରେ ଭିଜିଲାନ୍ସ ନାୟକଙ୍କ ବିରୋଧରେ ଚାର୍ଜଶିଟ ଦାଖଲ କରିଥିଲା। ଚାର୍ଜଶିଟ୍‌ରେ ନାୟକ ୩ ଲକ୍ଷ ୪୫ହଜାର ୩୯୧ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ଉଲ୍ଲେଖ କରିଥିଲା। ଭିଜିଲାନ୍ସ ପକ୍ଷରୁ ସ୍ୱତନ୍ତ୍ର ପିପି ସର୍ବେଶ୍ୱର ବାରିକ ମାମଲା ପରିଚାଳନା କରୁଥିଲେ।

### ୩୦ରେ ଓଡ଼ିଆ ମ୍ୟୁଜିକ୍ ଏକ୍ସିଲେନ୍ସି ଆୱାର୍ଡ

**କଟକ ଅଫିସ, ୨୨।୧୧:** ଓଡ଼ିଆ ମ୍ୟୁଜିକ୍ ଏକ୍ସଲେନ୍ସି ଆୱାର୍ଡ-୨୦୧୯ କଟକ ଶହୀଦ ଭବନଠାରେ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ହ୍ୱାଇଟ୍ କାନ୍‌ଭାସ ଆନୁକୂଲ୍ୟରେ ତଥା ହେରାଲଡ ଆଡଭଟାଇଜିଂ ଓ ଦି ମେସେଞ୍ଜର୍ସ ସହଯୋଗରେ ଆୟୋଜିତ ହେବ। ଏହି କାର୍ଯ୍ୟକ୍ରମରେ ୨୫ଟି ଭିନ୍ନ ଭିନ୍ନ ବର୍ଗରେ ଓଡ଼ିଆ ସଙ୍ଗୀତରେ ବିଶେଷ ଅବଦାନ ପାଇଁ ବରିଷ୍ଠ ଓ କନିଷ୍ଠ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜଣେ ବର୍ଷିୟାନ ସଙ୍ଗୀତଜ୍ଞଙ୍କୁ ଜୀବନବ୍ୟାପୀ ସାଧନା ପୁରସ୍କାର ପ୍ରଦାନ କରାଯିବ। ଏଥିସହ ବଲିଉଡରେ ପ୍ରତିଷ୍ଠିତ ଓଡ଼ିଆ କଣ୍ଠଶିଳ୍ପୀମାନଙ୍କୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯିବ। ଏହି ଉପଲକ୍ଷେ ସଙ୍ଗୀତ ନିର୍ଦ୍ଦେଶକ ଓ ଗୀତିକାର ସ୍ୱର୍ଗତ ଅକ୍ଷୟ ମହାନ୍ତିଙ୍କୁ ମରଣୋତ୍ତର ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରିବା ପାଇଁ ଏକ ଦସ୍ତଖତ ଅଭିଯାନ ମଧ ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି।



### ଗୁଞ୍ଜନ ଡ୍ୟାନ୍ସ ଏକାଡେମୀର ନୃତ୍ୟ, ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ

# ଜଗନ୍ନାଥ ମଙ୍ଗଳମ୍‌ରେ ମୁଗ୍ଧ ହେଲେ ଦର୍ଶକ



୨୩ତମ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**କଟକ ଅଫିସ,୨୨।୧୧**

ମଞ୍ଚରେ ହେଲା ପହଣ୍ଡି ବିଜେ ଆଉ ରଥଟଣା। ବାଜିଲା 'ଚତର୍ଭୁଜ ଜଗନ୍ନାଥ କଣ୍ଠ ଶୋଭିତ କୌସ୍ତୁଭ' ଗୀତ। ଜଗନ୍ନାଥ ମଙ୍ଗଳମ୍ ନୃତ୍ୟରେ ସୃଷ୍ଟି ହେଲା ଅପୂର୍ବ ପରିବେଶ। ଗୀତରେ ପ୍ରତି ପଦରେ ଓ ସଙ୍ଗୀତର ତାଳେତାଳେ ଜଗନ୍ନାଥ ସଂସ୍କୃତିକୁ ଉପସ୍ଥାପନ କରାଯାଇଥିଲା। ପ୍ରତିଷ୍ଠିତ ନୃତ୍ୟ ଗ୍ରୁପ୍ 'ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ'ର ୨୩ତମ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଶହୀଦ ଭବନରେ ଉଦ୍‌ଘାଟିତ ହୋଇଯାଇଛି। ଏକାଡେମୀର ମୁଖ୍ୟ ତଥା ଗୁରୁ ମୀରା ଦାସଙ୍କ ନିର୍ଦ୍ଦେଶନାରେ ଉଦ୍‌ଘାଟନୀ ସନ୍ଧ୍ୟାରେ ପରିବେଷିତ ଏହି 'ଜଗନ୍ନାଥ ମଙ୍ଗଳମ୍' ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲା।

ନୃତ୍ୟଶିଳ୍ପୀ ମୁନମୁନ ସିଂ, ସଞ୍ଚିତ ଜେନା, ସ୍ୱର୍ଣ୍ଣମୟୀ ବେହେରା, ସ୍ୱୀକୃତି ଦାସ ଓ ଭାଗଶ୍ରୀ ଆଇଚ୍ ଜଗନ୍ନାଥ ମଙ୍ଗଳମ୍ ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ। ଏହି ନୃତ୍ୟ ପରେ ତାଳ, ଲୟ ଓ ଭଙ୍ଗୀର ମିଶ୍ରଣକୁ ନେଇ ପ୍ରଦର୍ଶିତ କରାଯାଇଥିଲା ବଟୁ ନୃତ୍ୟ। ନୃତ୍ୟଶିଳ୍ପୀ ପ୍ରିୟଙ୍କା ଜେନା ଓଡ଼ିଶୀ ଅଭିନୟ ପ୍ରଦର୍ଶନ କରିଥିଲେ। ବୈଦେହୀଶ ବିଳାସ ମହାକାବ୍ୟର 'ବିଭୂଷଣ ପୁଷ୍ପେ' ପଂକ୍ତିରେ ପ୍ରିୟଙ୍କା ସୀତା ବିବାହର କଥାକୁ ଦର୍ଶକଙ୍କ ସମ୍ମୁଖରେ ଉଦ୍‌ଭାସିତ କରିଥିଲେ। ଏକାଡେମୀର କଳାକାରମାନେ ପଲ୍ଲବୀ ଶଙ୍କରା ଭରଣ ଓ କ୍ରିଷ୍ଣା କଥାମୃତ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ଏହି ସନ୍ଧ୍ୟାରେ ବିଶେଷ ଆକର୍ଷଣ ଥିଲେ ଉସ୍ତାଦ ବିସମିଲ୍ଲା ଖାଁ ଯୁବ ପୁରସ୍କାର ପ୍ରାପ୍ତ ନୃତ୍ୟଶିଳ୍ପୀ ସୋନାଲି ମହାପାତ୍ର। ଗୀତ ଗୋବିନ୍ଦର ଅଷ୍ଟପଦୀରେ ରାଧାକୃଷ୍ଣର ଭାବାବେଗକୁ ସୋନାଲି ନୃତ୍ୟ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ପଣ୍ଡିତ ଏ.ମହେଶ୍ୱର ରାଓ ଅତିଥିଭାବେ ଯୋଗଦେଇ ଏକାଡେମୀର ଉଦ୍ୟମକୁ ପ୍ରଶଂସା କରିଥିଲେ। 'କଟକ' 'କ'ରୁ ଆରମ୍ଭ ଓ 'କ'ରେ ଶେଷ। ଏହା କଳାରୁ ଆରମ୍ଭ ଓ କଳାରେ ଶେଷ ବୋଲି ପଣ୍ଡିତ ରାଓ କହିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଅତିଥିଭାବେ ଯୋଗଦେଇ ଏଭଳି କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ନିଜ ବକ୍ତବ୍ୟରେ ନଭେମ୍ବର ମାସ ଆସିଲେ କଟକବାସୀଙ୍କର ଏହି ଉତ୍ସବ କଥା ମନେପଡ଼େ ବୋଲି ମତବ୍ୟକ୍ତ କରିଥିଲେ। ଦିଲୀପ ମହାନ୍ତି, କିଶୋର ମହାନ୍ତି ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଗୁରୁ ମୀରା ଦାସ ନିଜ ଅଭିଭାଷଣରେ ଓଡ଼ିଶୀକୁ ଭଲପାଇବାକୁ ବାର୍ତ୍ତା ଦେଇଥିଲେ। ଗାୟତ୍ରୀ ଦାସ ଧନ୍ୟବାଦ ଦେଇଥିଲେ। ବିଜୟ ମଲ୍ଲ ମଞ୍ଚ ପରିଚାଳନା କରିଥିଲେ। ଧରିତ୍ରୀ ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛି।

# ଓଡ଼ିଶୀ ବିକାଶର ସୂତ୍ର ଗୁରୁ-ଶିଷ୍ୟ ପରମ୍ପରା

**୨୦୧୧ ମସିହାରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଉସ୍ତାଦ୍ ବିସମିଲା ଖାଁ ଯୁବ ପୁରସ୍କାର ବିଜୟୀ ହୋଇଥିଲେ ପ୍ରତିଷ୍ଠିତ ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୋନାଲି ମହାପାତ୍ର। ଏହି ପ୍ରତିଭା ଜଣଙ୍କ ସମାଜରେ ଅବହେଳିତ ଭିନ୍ନକ୍ଷମ ଶିଶୁ ଓ ଏସିଡ୍ ପୀଡ଼ିତାଙ୍କୁ ନୃତ୍ୟ ଶିକ୍ଷା ଦେଉଛନ୍ତି। ଗୁଞ୍ଜନ ଡ୍ୟାନ୍ସ ଏକାଡେମୀ'ର ୨୩ତମ ନୃତ୍ୟ ଓ ସଙ୍ଗୀତ ଉତ୍ସବରେ ଯୋଗଦେବା ଅବସରରେ ସୋନାଲୀଙ୍କ ସହ ସାକ୍ଷାତକାର**



ସୋନାଲି ମହାପାତ୍ର

■ **ଓଡ଼ିଶାରେ ଓଡ଼ିଶୀ ନୃତ୍ୟର ସ୍ଥିତି କିପରି ଅଛି?**

ରାଜ୍ୟରେ ଓଡ଼ିଶୀ ନୃତ୍ୟର ସ୍ଥିତି ଯେତିକି ଭଲ ହୋଇପାରିବା କଥା ସେତିକି ଭଲ ହୋଇପାରୁନି। ଗୁରୁ-ଶିଷ୍ୟ ସମ୍ପର୍କର ମୂଲ୍ୟ ରହୁନି। ଏହି ପରମ୍ପରାକୁ ବୁଝିଲେ ଓ ମାନିଲେ ହିଁ ଓଡ଼ିଶୀ ନୃତ୍ୟର ବିକାଶ ହେବ। ଏହି କଳାକୁ ନେଇ ଅର୍ଥ ରୋଜଗାର କରିବାକୁ ଲୋକ ଇଚ୍ଛା ରଖୁଛନ୍ତି। ଯାହା ଏହି କଳା ପାଇଁ ଦୁଃଖଦାୟକ।

■ **ଓଡ଼ିଶୀର ଦର୍ଶକ ଅଛନ୍ତି ?**

ଓଡ଼ିଶୀକୁ ଲୋକ ଏବେ ବି ଭଲ ପାଉଛନ୍ତି ଆଉ ଦର୍ଶକ ବି ଅଛନ୍ତି। ଯେଉଁ ସ୍ଥାନରେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶିତ ହେଉଛି ସେଠାରେ ଲୋକଙ୍କ ଭିଡ଼ ହୁଏ। କେଉଁଠାରେ କମ୍ ଆଉ କେଉଁଠାରେ ବେଶି। ହେଲେ ଭଲ ନୃତ୍ୟ ପ୍ରଦର୍ଶନ କଲେ ନିଶ୍ଚିତ ଅଧିକ ଲୋକଙ୍କ ସମାଗମ ହେବ। କେତେକ ସ୍ଥାନରେ ଅଭିଭାବକମାନେ ହିଁ କେବଳ ଦର୍ଶକ ପାଲଟୁଛନ୍ତି। ଏଭଳି ନ ହେଉ।

■ **ଏହି ନୃତ୍ୟକୁ ନେଇ କିଛି ଅନୁଭୂତି?**

ଅନେକ ଦୁଃଖ ଓ ସୁଖ ଭିତରେ ମୋ ଯାତ୍ରା ଗତି କରିଛି। ହେଲେ ମୋ ସହ ଯାହା ହୋଇଛି ତାହା ଆଗକୁ ଅନ୍ୟ କାହା ସହ ନ ହେଉ। ମୁଁ ଦିନକୁ ୮ରୁ ୯ ଘଣ୍ଟା ଅଭ୍ୟାସ କରୁଥିଲେ ବି ମଞ୍ଚରେ ପ୍ରଦର୍ଶନ କରିବାକୁ ସୁଯୋଗ ମିଳୁ ନ ଥିଲା। ଯେଉଁମାନେ ଏବେ ନୃତ୍ୟ ଶିକ୍ଷା କରୁଛନ୍ତି ସେମାନଙ୍କୁ ପ୍ରୋତ୍ସାହିତ କରାଯାଉ। ସେମାନଙ୍କୁ ମଞ୍ଚରେ ନୃତ୍ୟ ପ୍ରଦର୍ଶନ କରିବାର ସୁଯୋଗ ଦେଇ ଅଧିକରୁ ଅଧିକ ଉତ୍ସାହିତ କରାଯାଉ।

# ରେସ୍କ୍ୟୁ ଅପରେଶନ 'ସୁବୋଧ'

## ୧୧ଥର ପ୍ରୟାସ ପରେ ସଫଳ ହେଲା

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟର ପରିଜା ଲାଇବ୍ରେରି ଛାତ ଉପରେ(୫୦ ଫୁଟ ଉଚ୍ଚ) ଚଢି ଆତ୍ମହତ୍ୟା ଉଦ୍ୟମ କରିଥିଲେ ପଟ୍ଟାମୁଣ୍ଡାଇ ପ୍ରହରାଜପୁରର ସୁବୋଧ ବାରିକ। ପୋଷ୍ଟାଲ ଚାକିରି ହରାଇବା ପରେ ସେ ମାନସିକ ଭାରସାମ୍ୟ ହରାଇ ଏଭଳି କେତେକ କାଣ୍ଡ କରିଛନ୍ତି। ତାଙ୍କୁ ଉଦ୍ଧାର କରିବା ପାଇଁ ହୋଇଥିଲା ରେସ୍କ୍ୟୁ ଅପରେଶନ 'ସୁବୋଧ'। ୧୧ ଥର ପ୍ରଚେଷ୍ଟା କରାଯିବା ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏଥିପାଇଁ ପୋଲିସ, ଅଗ୍ନିଶମ ବିଭାଗ କର୍ମଚାରୀ,



ଖବରଦାତା ଓ କେତେଜଣ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା।

ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ସୁବୋଧଙ୍କୁ ଓହ୍ଲାଇବାକୁ ନିବେଦନ କରିଥିଲେ ମଧ ସେ କାହାରି କଥା ଶୁଣି ନ ଥିଲେ। ଓଲଟା ତଳକୁ ଡେଇଁ ପଡ଼ିବାକୁ ଜିଦ୍ ଧରିଥିଲେ। ଫଳରେ ବାଧହୋଇ ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ଖବର ଦିଆଯାଇଥିଲା। ପୂର୍ବାହ୍ନ ୧୦.୨୫ରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଉପରକୁ ଯିବାରୁ ସୁବୋଧ ବ୍ରଶ୍, ପେଷ୍ଟ, ମଦ ଓ କପଡ଼ା ଆଣିବାକୁ କହିଥିଲେ। ବାରମ୍ବାର ସେ ଏଭଳି ନୂଆ ନୂଆ ବାହାନା କରିଥିଲେ। କେବେ ତାଙ୍କ ସାଙ୍ଗକୁ ଡାକିବାକୁ କହୁଥିଲେ ତ ଆଉ କେତେବେଳେ କୁଳପତି, ଅଧ୍ୟାପକ ଆଦି ଲୋକଙ୍କୁ ଉପରକୁ ନେଇ ଯିବାକୁ ଜିଦ୍ କରୁଥିଲେ। ଶହୀଦନଗର ଥାନା ଅଧିକାରୀ ବିରଞ୍ଚି ପତି ଅନ୍ୟ ଜଣେ ପ୍ରଫେସରଙ୍କୁ କୁଳପତି ଭାବେ ପରିଚୟ ଦେଇ ସୁବୋଧଙ୍କୁ ବୁଝାଶୁଝା କରିଥିଲେ। ତାଙ୍କୁ ଚାକିରି ଦେବାକୁ କହିବା ସହ ସମ୍ପୂର୍ଣ୍ଣ ସୁରକ୍ଷାର ସହ ବାହାରକୁ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ତଥାପି ସେ କାହା କଥା ମାନି ନ ଥିଲେ। କୁଳପତି ମାଇକରେ ତାଙ୍କୁ ଓହ୍ଲାଇବା ପାଇଁ ବାରମ୍ବାର ଅନୁରୋଧ କରିଥିଲେ। ଶେଷରେ ସେ ରାଜି ହୋଇଥିଲେ। ଏହି ରେସ୍କ୍ୟୁ ଅପରେଶନରେ ୬୦ଜଣ ଅଗ୍ନିଶମ କର୍ମଚାରୀ, ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ଧରିତ୍ରୀ ଖବରଦାତା ଜ୍ୟୋତିରଞ୍ଜନ ମହାପାତ୍ର ସାମିଲ ଥିବାବେଳେ ମନସ୍ତତ୍ତ୍ୱବିତ୍‌ଙ୍କ ସହାୟତା ନିଆଯାଇଥିଲା।



### ପରିଜା ଲାଇବ୍ରେରି ଶୀର୍ଷକୁ କେମିତି ଗଲେ

ପ୍ଲାଟିନମ ଜୁବିଲି ଉପଲକ୍ଷେ ବାଣୀବିହାର ପରିଜା ଲାଇବ୍ରେରିର ରଙ୍ଗ କାମ ଚାଲିଥିଲା। ଏଥିପାଇଁ ଶିଡ଼ି (ଭାରା) ବନ୍ଧା ହୋଇଥିଲା। ସୁବୋଧ ବିଳମ୍ବିତ ରାତି ଅଥବା ଭୋର ସମୟରେ କ୍ୟାମ୍ପସ ପରିସରରେ ପଶି ଭାରାରେ ଚଢି ଲାଇବ୍ରେରି ପ୍ରଥମ ମହଲାରେ ପହଞ୍ଚିଥିଲେ। ପରେ ରଙ୍ଗକାମ ପାଇଁ ଲାଗିଥିବା ଦଉଡ଼ିରେ ଚଢି କୌଶଳ କ୍ରମେ ଛାତର ସବା ଉପରେ ପହଞ୍ଚିଥିଲେ। ଶୁକ୍ରବାର ୯ଟା ସମୟରେ ରଙ୍ଗ କାମ କରିବାକୁ ଆସିଥିବା ମିସ୍ତ୍ରିମାନେ ତାଙ୍କୁ ଦେଖି ପାଠାଗାର କର୍ତ୍ତୃପକ୍ଷଙ୍କୁ ସୂଚନା ଦେଇଥିଲେ।

### ଡ୍ରୋନ କ୍ୟାମେରା ଠାବ କଲା

ପରିଜା ଲାଇବ୍ରେରି କର୍ତ୍ତୃପକ୍ଷ ଏହି ଖବର ପାଇବା ପରେ ତୁରନ୍ତ କୁଳପତିଙ୍କୁ ଜଣାଇଥିଲେ। କୁଳପତି ସୌମେନ୍ଦ୍ର ପଟ୍ଟନାୟକ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ସୁବୋଧ ଶୋଇରହିଥିବାରୁ ତାଙ୍କ ଉପସ୍ଥିତି ଜଣାପଡ଼ି ନ ଥିଲା। ଫଳରେ ଡ୍ରୋନ କ୍ୟାମେରା ଉଡ଼ାଯାଇଥିଲା। ୫ ମହଲା ଛାତ ଉପରେ ସେ ନଗ୍ନ ଅବସ୍ଥାରେ ବସିଥିବା ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

### ଖବର ପାଇ ଗାଁରୁ ଆସିଲେ ସ୍ତ୍ରୀ, ମା'

ସୁବୋଧଙ୍କ ସମ୍ପର୍କରେ ଖବର ପାଇ ଗାଁରୁ ଆସିଥିଲେ ସ୍ତ୍ରୀ ଓ ମା'। ସ୍ତ୍ରୀ ଅଞ୍ଜିତାଙ୍କ କୋଳରେ ଥିଲା ଛୋଟ ଝିଅ। ସେମାନେ ଆସି ଭୁବନେଶ୍ୱରରେ ପହଞ୍ଚିବା ବେଳକୁ ସୁବୋଧଙ୍କୁ ଉଦ୍ଧାର କରାଯାଇ କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇସାରିଥିଲା। ସେଠାରେ ସ୍ତ୍ରୀ ଅଞ୍ଜିତା ଓ ମା' ଚମ୍ପା ବାରିକ ପହଞ୍ଚିଥିଲେ। ମା' ଚମ୍ପାଙ୍କ ଆଖିରୁ ଧାର ଧାର ଲୁହ ବୋହିଯାଉଥିବା ଦେଖିବାକୁ ମିଳିଥିଲା।

### ସମ୍ପର୍କୀୟଙ୍କ ଘରକୁ ଆସି ନିଖୋଜ ହୋଇଯାଇଥିଲେ

ସୁବୋଧ ବିବାହିତ ହୋଇଥିବାବେଳେ ତାଙ୍କ ଏକ ଝିଅ ଅଛି। ସେ କୌଣସି କାମରେ ରାଜଧାନୀ ଆସି ଭିଏସ୍‌ଏସ୍‌ନଗରରେ ରହୁଥିବା ତାଙ୍କ ସମ୍ପର୍କୀୟଙ୍କ ପାଖରେ ରହିଥିଲେ। ଗତମାସ ୨୩ତାରିଖ ରାତିରେ ସେ ବେହେରାସାହିସ୍ଥିତ ସମ୍ପର୍କୀୟଙ୍କ ଘରକୁ ଯାଇଥିଲେ। ତେବେ ଗେଟ୍‌ରେ ତାଲା ପଡ଼ିଥିବାରୁ ଭିତରକୁ ଯାଇପାରି ନ ଥିଲେ। ବର୍ଷା ହେବାରୁ ସେ ଫେରି ନ ପାରି ଭିଜି ଭିଜି ଗେଟ ନିକଟରେ ଥିବା ଗାଡ଼ି ଉପରେ ଶୋଇପଡିଥିଲେ। ସକାଳୁ ସମ୍ପର୍କୀୟମାନେ ଦେଖି ତାଙ୍କୁ ଘରକୁ ନେଇଥିଲେ। ସେଠାରେ ସମ୍ପର୍କୀୟ ତାଙ୍କ ମା'ଙ୍କୁ ଫୋନ୍ କରି ତୁରନ୍ତ ନେଇଯିବାକୁ କହିଥିଲେ। ଏହା ଶୁଣି ସେ ବାଲକୋନି ଡେଇଁ କେଉଁଆଡେ ପଳାଇଥିଲେ। ସେମାନେ ଖୋଜାଖୋଜି କରି କୌଣସି ପତ୍ତା ନ ପାଇବାରୁ ନୟାପଲ୍ଲୀ ଥାନାରେ ନିଖୋଜ ଅଭିଯୋଗ କରିଥିଲେ। ଏ ନେଇ ମାମଲା ନଂ. ୭୯/୧୯ ରୁଜୁ ହୋଇଥିଲା।

### ହତାଶାଭାବରୁ ଭାଙ୍ଗିପଡ଼ିଥିଲେ

ସୁବୋଧ ବଡ ଚାକିରି କରିବାକୁ ଚାହୁଁଥିଲେ। ଏପରି କି ଇଞ୍ଜିନିୟର ହେବାକୁ ତାଙ୍କର ଇଚ୍ଛା ଥିଲା। ମାତ୍ର ଏହି ଇଚ୍ଛା ତାଙ୍କର ଫଳପ୍ରଦ ହୋଇପାରି ନ ଥିଲା। ସେହିପରି ପୋଷ୍ଟାଲ ଡିପାର୍ଟମେଣ୍ଟରେ ଚାକିରି କରିଥିଲେ ମଧ କୌଣସି କାରଣରୁ ତାହା ହରାଇଥିଲେ। ଫଳରେ ସେ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ହତାଶା ଭାବରୁ ସେ ଏଭଳି କାଣ୍ଡ ଭିଆଇଥିବା ତାଙ୍କ ସ୍ତ୍ରୀ ଅଞ୍ଜିତା କୋହଭରା କଣ୍ଠରେ କହିଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୩/୨୦୧୯ Bhubaneswar, Saturday, November 23/2019

# ୪୮ ଘଣ୍ଟାରେ ୨ ବୋମାମାଡ଼

- ସହରବାସୀ ଆତଙ୍କିତ
- ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

**କଟକ ଅଫିସ, ୨୨।୧୧**

ଗତ ୪୮ଘଣ୍ଟା ମଧ୍ୟରେ କଟକ କମିଶନରେଟ୍ ପୋଲିସ ଅଧୀନ ଦୁଇଟି ସ୍ଥାନରେ ବୋମାମାଡ଼ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଦୁଇଟି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି। ତେବେ କଟକରେ ନୂଆ ଅପରାଧୀ ଗୋଷ୍ଠୀ ନିଜର କାୟାବିସ୍ତାର କରୁଥିବା ସାଧାରଣରେ ଆଲୋଚନା ହେଉଛି।

ଶୁକ୍ରବାର ଅପରାହ୍ନରେ ଦରଘାବଜାର ଥାନା ଅଧୀନ ଓଡ଼ିଆ ବଜାରର ଏସ୍‌କେ ବାବୁଙ୍କ ଘର ଉପରକୁ ବୋମାମାଡ ହୋଇଛି। ଅପରାହ୍ନ ପ୍ରାୟ ସାଢେ ୩ଟାରେ ୩ଜଣ ବ୍ୟକ୍ତି ମୁହଁରେ ରୁମାଲ ବାନ୍ଧି ଗୋଟିଏ ବାଇକ୍‌ରେ ବାବୁଙ୍କ ଘର ନିକଟକୁ ଆସି ଦୁଇଟି ବୋମାମାଡ କରିଥିଲେ। ଗୋଟିଏ ବୋମା ବାବୁଙ୍କ ଘର ଉପରେ ପଡ଼ିଥିବାବେଳେ



ବୋମାମାଡ଼ସ୍ଥଳରେ ପୋଲିସ ଅନୁସନ୍ଧାନ କରୁଛି।

ଅନ୍ୟଟି ଛିଟିକି ପଡ଼ି ଘର ପାଖ ଡ୍ରେନ୍‌ରେ ପଡ଼ି ଯାଇଥିଲା। ଏହି ସମୟରେ ଘରେ କେହି ନ ଥିବାରୁ ବୋମାମାଡ଼ରେ କୌଣସି କ୍ଷୟକ୍ଷତି ହୋଇନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ବୋମାମାଡ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ଦରଘାବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ନେଇ ବାବୁଙ୍କ ପୁଅ ସାହିଲ ବକ୍ସି ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ବୁଧବାର ରାତିରେ ଜଗତ୍‌ପୁର ଥାନା ବହୁଗ୍ରାମ ଫାଣ୍ଡି ଅନ୍ତର୍ଗତ ନୃସିଂହବଜାର ନିକଟରେ ବୋମାମାଡ଼ ହୋଇଥିଲା। ନୃସିଂହ ବଜାରରେ ହୋମିଓପ୍ୟାଥୀ ଦୋକାନ କରିଥିବା ଏସ୍‌କେ ସୌକତ ଅଲ୍ଲୀ ରାତି ପ୍ରାୟ ସାଢ଼େ ୯ଟାରେ ଦୋକାନ ବନ୍ଦ କରି ପୂର୍ବକଚ୍ଛ ଅନ୍ତର୍ଗତ ଇସ୍‌ଲାମପୁରସ୍ଥିତ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏଥିରେ ସୌକତ ଆହତ ହୋଇଛନ୍ତି। ସୌକତଙ୍କ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ବୋମାମାଡ଼ କରିଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ସୌକତ ଚିହ୍ନିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହା ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ପୂର୍ବରୁ ସୌକତଙ୍କ ପରିବାର ସହ ଅଭିଯୁକ୍ତଙ୍କ ଗଣ୍ଡଗୋଳ ହୋଇଥିଲା।

# ଲାଞ୍ଚ: ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଗିରଫ

**କଟକ ଅଫିସ, ୨୨।୧୧**

୧୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ମହାନ୍ତ। ସେ ଭୁବନେଶ୍ୱର ସିଟି ଡିଷ୍ଟ୍ରିବ୍ୟୁଶନ ଡିଭିଜନ-୨ ଅଧୀନରେ ଥିବା ଗୋଡ଼ିସାହି ସେକ୍ସନରେ କାର୍ଯ୍ୟରତ। ଶୁକ୍ରବାର ସେ ଏହି ଲାଞ୍ଚ କଟକ ମଙ୍ଗଳାବାଗ ଥାନା ଅଧୀନ ମଲ୍ଲାସାହି ଅଞ୍ଚଳର ବିଜୟ କୁମାର ପାତ୍ରଙ୍କଠାରୁ ଗ୍ରହଣ କରୁଥିଲେ। ବିଜୟଙ୍କ ଜଣେ ସମ୍ପର୍କୀୟଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ମହାନ୍ତ ଏହି ଲାଞ୍ଚ ଦାବି କରିଥିଲେ। ସିଡିଏ ସେକ୍ଟର-୨ ନିକଟରେ ମହାନ୍ତ ଲାଞ୍ଚ ୧୦ହଜାର ଟଙ୍କା ବିଜୟଙ୍କଠାରୁ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ମହାନ୍ତଙ୍କ କେନ୍ଦୁଝର ଜିଲା ବରିଆ ଥାନା ଅଧୀନ କଳିଙ୍ଗା ଗ୍ରାମର ଘରକୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩୯/୨୦୧୯) ରୁଜୁ ହୋଇଛି।






ପ୍ରଜ୍ଞା ନୃତ୍ୟାୟନ ଅନୁଷ୍ଠାନର ସ୍ୱୟଂପ୍ରଭା ଓ ସାଥୀ କଳାକାରମାନଙ୍କ ଦ୍ୱାରା ପରିବେଷିତ ଓଡ଼ିଶୀ ଡ୍ରାମା 'ରାମାୟଣ'ର ଏକ ଦୃଶ୍ୟ।

# ନୃତ୍ୟରେ ରାମାୟଣ କଥାବସ୍ତୁ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଭାରତୀୟ ସାଂସ୍କୃତିକ ସମ୍ବନ୍ଧ ପରିଷଦ(ଆଇସିସିଆର୍) ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମିଳିତ ଆନୁକୂଲ୍ୟରେ ରବିବାର ରବୀନ୍ଦ୍ର ମଣ୍ଡପଠାରେ ହୋରିଜନ୍ ସିରିଜ୍‌ର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ନୃତ୍ୟଶିଳ୍ପୀ ସ୍ୱୟଂପ୍ରଜ୍ଞା ସାହୁ ଏବଂ ପ୍ରଜ୍ଞାନୃତ୍ୟାୟନର କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟରେ କୁନ୍ତିଙ୍କ ଜୀବନଦର୍ଶନ ଓ ରାମାୟଣର କଥାବସ୍ତୁ ଉପରେ ଆଧାରିତ ନୃତ୍ୟ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, କ୍ଷୀରୋଦ ପଟ୍ଟନାୟକ, ମିନାକ୍ଷୀ ମିଶ୍ର, ଡ. ରାଧାକାନ୍ତ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଆଇସିସିଆର୍ ଭୁବନେଶ୍ୱରର ନିର୍ଦ୍ଦେଶିକା ମିନାକ୍ଷୀ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସାଗର ବେହେରା ମଞ୍ଚ ପରିଚାଳନା କରିଥିଲେ।

# ବିଜ୍ଞାପନ ଟିକସ ପାଇଁ ୯ ହଲ୍‌କୁ ନୋଟିସ

**ଭୁବନେଶ୍ୱର, ୨୨।୧୧(ବ୍ୟୁରୋ)**

ଭୁବନେଶ୍ୱର ମହାନଗର ନିଗମ(ବିଏମସି) ୯ ସିନେମା ହଲ୍‌କୁ ବିଜ୍ଞାପନ ଟିକସ ସମ୍ବନ୍ଧୀୟ ନୋଟିସ ଜାରି କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଏମାନେ ପ୍ରଦର୍ଶନ କରିଥିବା ବିଜ୍ଞାପନର ତାଲିକା ଦେବା ଲାଗି ନୋଟିସ୍ ଜାରି କରାଯାଇଛି। ବର୍ଷକ ମଧ୍ୟରେ ହଲ୍‌ରେ ପ୍ରଦର୍ଶିତ ବିଜ୍ଞାପନ ଅନୁସାରେ ବିଏମସିକୁ ଟିକସ ଦାଖଲ କରିବାର ନିୟମ ରହିଛି। ବିଜ୍ଞାପନ ତାଲିକା ଦାଖଲ କରିବା ପରେ କୌଣସି ବ୍ୟତିକ୍ରମ ଥିଲେ ସମ୍ପୃକ୍ତ ହଲ୍‌ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୁହାଯାଇଛି। ଭବାନୀ ମଲ୍ ଓ ଡି.ଏନ. ରେଗାଲିଆରେ ଥିବା ଆଇନକ୍ସ, ଏସପ୍ଲାନେଡ୍ ମଲ୍‌ରେ ଥିବା ସିନେପଲିସ୍, କେଶରୀ, ମହାରାଜା, ଶ୍ରୀୟା, ସିଟିଂ ଆଣ୍ଡ୍ ସଙ୍ଗର, ରବି ଓ ଏକାମ୍ର ହଲ୍‌କୁ ନୋଟିସ କରାଯାଇଛି। ସେହିଭଳି ତାର ଟାଣିବା ଲାଗି ବିଏମସିର ଖୁଣ୍ଟ ବ୍ୟବହାର କରିଥିବା ଘରୋଇ କେବୁଲ୍ ସଂସ୍ଥା ୱେଫେ ଟେକ୍ନୋଲୋଜି ପ୍ରା.ଲି, ହାଥୱେ ଡିଜିଟାଲ ପ୍ରା.ଲି, ମନ୍ଥନ ବ୍ରଡ୍‌ବ୍ୟାଣ୍ଡ ପ୍ରା.ଲି, ସମ୍ବାଦ, ଅର୍ଟେଲ କମ୍ୟୁନିକେଶନ ଓ ସିଟ୍ୟୁଏଶନ ନେଟୱାର୍କ୍‌କୁ ନୋଟିସ୍ ଜାରି କରାଯାଇଛି। ଖୁଣ୍ଟ ବ୍ୟବହାର କରି ବିଲ୍ ପୈଠ କରି ନ ଥିବାରୁ ଏମାନଙ୍କୁ ନୋଟିସ୍ ହୋଇଛି।

# ୱାର୍ଲ୍ଡ ପାନୋରମା ଏସିଆ ପ୍ରିମିୟରରେ ନୀଳମାଧବଙ୍କ ଫିଲ୍ମ

**ଭୁବନେଶ୍ୱର,୨୨।୧୧(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନର ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲାଗି ୧୧ ଦେଶର ୧୧ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଚଳଚ୍ଚିତ୍ର ନିର୍ମାତାଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଚଳଚ୍ଚିତ୍ର 'ଇଣ୍ଟରଡିପେଣ୍ଡେନ୍ସ' ଗୋଆଠାରେ ଅନୁଷ୍ଠିତ ୱାର୍ଲ୍ଡ ପାନୋରମା ଏସିଆ ପ୍ରିମିୟରରେ ପ୍ରଦର୍ଶିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ଜନ୍ମିତ ଚଳଚ୍ଚିତ୍ର ନିର୍ମାତା ନୀଳମାଧବ ପଣ୍ଡା ନିଜର ଶର୍ଟ ଫିଲ୍ମ 'ମେଘାସ୍ ଡିଭୋର୍ସ' ପାଇଁ ରେଡ୍ କାର୍ପେଟ୍‌ରେ ଚାଲିଥିଲେ। ତାଙ୍କ ସହ ଫିଲ୍ମର ଅଭିନେତ୍ରୀ ଦିବ୍ୟା ଦତା ଓ ମଞ୍ଜରୀ ଫଡ୍‌ନିସ୍ ମଧ୍ୟ ରେଡ୍ କାର୍ପେଟ୍‌ରେ ଚାଲିଥିଲେ। ଆଇଏଫ୍‌ଏଫ୍‌ଆଇର ୫୦ ବର୍ଷ ପୂର୍ତ୍ତି ଅବସରରେ କାର୍ଯ୍ୟକ୍ରମରେ ସାମିଲ ହେବା ଏକ ସମ୍ମାନର କଥା ବୋଲି ନୀଳମାଧବ ପଣ୍ଡା କହିଥିଲେ। 'ଇଣ୍ଟରଡିପେଣ୍ଡେନ୍ସ' ଏସିଆ ପ୍ରିମିୟରକୁ ଆସିବା ଗର୍ବର ବିଷୟ ଏବଂ ଏହା ଜଳବାୟୁ ପରିବର୍ତ୍ତନ ଭଳି ଗମ୍ଭୀର ପ୍ରସଙ୍ଗ ଉପରେ ଲୋକଙ୍କୁ ସଚେତନ କରିପାରିବ ବୋଲି ସେ କହିଥିଲେ।



- ସିଂହଦ୍ୱାର ସମ୍ମୁଖ ଭିଡିଓ ଭାଇରାଲ

# ମହିଳା ଭକ୍ତ-ପୋଲିସ ଧସ୍ତାଧସ୍ତି

**ପୁରୀ ଅଫିସ, ୨୨।୧୧**

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଘଟିଛି ଏକ ଅଭାବନୀୟ ଘଟଣା। ଆଉ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେଜଣ ମହିଳା ଭକ୍ତ ଶ୍ରୀମନ୍ଦିର ଭିତରକୁ ବ୍ୟାରିକେଡ ଡେଇଁ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଛି। ଏମିତି କି କେତେଜଣ ମହିଳା ଜୋରଜବରଦସ୍ତ ମନ୍ଦିର ଭିତରକୁ ପଶୁଥିବାବେଳେ ଆଉ କେତେଜଣ ତଳେ ପଡି ଯାଉଥିବା ଦୃଶ୍ୟ ଏଥିରେ ରହିଛି। ଶୁକ୍ରବାର ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।

ଭାଇରାଲ ଭିଡିଓ କେଉଁଦିନର ତାହା ସ୍ପଷ୍ଟ ଜଣାପଡି ନାହିଁ। କିନ୍ତୁ ଶ୍ରୀମନ୍ଦିର ଦ୍ୱାରଫିଟା ସମୟର ଏହା ଦୃଶ୍ୟ ବୋଲି ଅନୁମାନ କରାଯାଉଛି। ନିକଟରେ ଶେଷ ହୋଇଛି ପଞ୍ଚୁକ। ପଞ୍ଚୁକର ଶେଷ ଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ଭୋର ସମୟର ଏହା ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ଏହି ଭିଡିଓରେ କେତେଜଣ ମହିଳା ଭକ୍ତ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଦେଇ ମନ୍ଦିର ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି। କେହି କେହି ବ୍ୟାରିକେଡ ଡେଇଁ ଯିବାବେଳେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହେଉଛି। ଏମିତି କି ସିଂହଦ୍ୱାର ଚକଡ଼ାରେ ଜଣେ ମହିଳା ପଡିଯାଉଛନ୍ତି। ଏକାଧିକ ମହିଳା ବ୍ୟାରିକେଡ ଉପରେ ଚଢି ମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅଧବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
-ଗୋଲ୍ଡସ୍ମିଥ



## ସଂକ୍ଷେପରେ

### କେନ୍ଦ୍ରାଞ୍ଚଳ ଗୋଇନ୍ଦା ଅବକାରୀ ଅଧିକାରୀଙ୍କ ଚଢ଼ାଉ, ୨ଗିରଫ

**ବାଙ୍କୀ,୨୨।୧୧(ସ୍ୱ.ପ୍ର.):** କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ଅବକାରୀ ବିଭାଗ ଇନ୍ସପେକ୍ଟର ଜଗଦିଶ ଚନ୍ଦ୍ର ସାମଲ ଓ ଗେଲୁରାମ ସୋରେନ୍‌ଙ୍କ ନେତୃତ୍ୱରେ ବାଙ୍କୀ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅବାକାରୀ ଚଢ଼ାଉ ହୋଇଥିଲା। ଏହି ସମୟରେ ବେଆଇନଭାବେ ପାଉଚ ମଦ ଓ ବିଦେଶୀ ମଦ ରଖିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ରାକେଶ କୁମାର ସାହୁ ଓ ବୈଦେଶ୍ୱର ଗ୍ରାମର କୈଳାସ ଚନ୍ଦ୍ର ଖଟୁଆ। ଏହି ଚଢ଼ାଉ ସମୟରେ ଅନ୍ୟମାନଙ୍କ ମଧ୍ୟରେ କନେଷ୍ଟବଳ ପ୍ରଦୀପ କୁମାର ବେହେରା, କିଶୋର ଚନ୍ଦ୍ର ରାଉତ, ଜଗନ୍ନାଥ ନାୟକ, ସଞ୍ଜୀବ ମୁଣ୍ଡା ଓ ମମତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

### କଳିଙ୍ଗ ଫୁଏଲ ଷ୍ଟେଶନର ବାର୍ଷିକ ଉତ୍ସବ



**ନିଶ୍ଚିନ୍ତକୋଇଲି, ୨୨।୧୧(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ବ୍ଲକ ସଦର ମହକୁମାସ୍ଥିତ ଏସଆର କମ୍ପାନୀ ଡିଲର କଳିଙ୍ଗ ଫୁଏଲ ଷ୍ଟେଶନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଫୁଏଲ ଷ୍ଟେସନର ପରିଚାଳକ କଳିଙ୍ଗ ବିଶ୍ୱାଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ଏସଆର କମ୍ପାନୀର ଜୋନାଲ ମ୍ୟାନେଜର କୌଶିକ ସେନ ଗୁପ୍ତା, ମୁଖ୍ୟବକ୍ତାଭାବେ ଡିଭିଜନାଲ ମ୍ୟାନେଜର ସୌରଜିତ କର ଓ ସମ୍ମାନିତ ଅତିଥିଭାବେ ପରିଚାଳକ ଆଶିଷ କୁମାର ଯୋଗ ଦେଇଥିଲେ। ଉନ୍ନତମାନର ପେଟ୍ରୋଲ ଡିଜେଲ ଯୋଗାଇ କଳିଙ୍ଗ ଫୁଏଲ୍ ଗ୍ରାହକମାନଙ୍କ ଆସ୍ଥା ଭାଜନ ହୋଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଅବସରରେ ଧରଣୀଧର ବିଶ୍ୱାଳ, ହୃଷୀକେଷ ମୁଦୁଲି ସମେତ ଫୁଏଲ ଷ୍ଟେସନର କର୍ମଚାରୀମାନେ ଗ୍ରାହକଙ୍କୁ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### କିଡ୍‌ନୀ ରୋଗରେ ଜଣେ ମୃତ

**ଡିଗିରିଆ, ୨୨।୧୧ (ଡି.ଏନ୍.ଏ.):** କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଡିଗିରିଆ ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁରୁବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ପଙ୍କଜ ସ୍ୱାଇଁ (୫୨)। ସେ ଗତ ୬ମାସ ହେବ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ।

### ଜୀବିକା ମିଶନ ତରଫରୁ ରଣମେଳା



**ବାଙ୍କୀ,୨୨।୧୧(ସ୍ୱ.ପ୍ର):** ବାଙ୍କୀ ବ୍ଲକ ଅନ୍ତର୍ଗତ ସୁବର୍ଣ୍ଣପୁର ପଞ୍ଚାୟତ କାର୍ଯ୍ୟାଳୟରେ ଜୀବିକା ମିଶନ ତରଫରୁ ସମନ୍ୱୟ ରଣମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଭାତ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସରପଞ୍ଚ ତରୁଣ କୁମାର ମହାପାତ୍ର, ସମିତି ସଭ୍ୟ ବିଶ୍ୱରଞ୍ଜନ ପଣ୍ଡା, ଆଇସିଡିଏସ୍ ସୁପରଭାଇଜର ଏବଂ ପିଇଓ ସବିତା ଦେଉରୀ ଏଥିରେ ଯୋଗଦେଇଥିଲେ। ହିଳାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ଏହି ମେଳାର ମୁଖ୍ୟ ଲକ୍ଷ୍ୟ ବୋଲି ଅତିଥିମାନେ କହିଛନ୍ତି। ଏହି ଅବସରରେ ୧୦୦ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୪୭.୭୪ଲକ୍ଷ ଟଙ୍କା ଚେକ୍ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଓ ବାଙ୍କୀ କେନ୍ଦ୍ରସମବାୟ ବ୍ୟାଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଅବଶିଷ୍ଟ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ବାଙ୍କୀର ବିଭିନ୍ନ ବ୍ୟାଙ୍କ ମାଧମରେ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

## ରଘୁନାଥପୁର ବ୍ଲକରେ ସାମାଜିକ ସମୀକ୍ଷା, ଜନଶୁଣାଣି

# ପିଇଓ ଅନୁପସ୍ଥିତ, ଏଡିଏମ୍ ଅସନ୍ତୁଷ୍ଟ

**ରଘୁନାଥପୁର, ୨୨।୧୧ (ଡି.ଏନ.ଏ.)**



ଏଡିଏମ୍ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

ରଘୁନାଥପୁର ବ୍ଲକ ସଭାକକ୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ସାମାଜିକ ସମୀକ୍ଷା ଓ ଜନଶୁଣାଣି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଇଓ (ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କ ଅନୁପସ୍ଥିତ ନେଇ ଏଡିଏମ୍ ସଚ୍ଚିଦାନନ୍ଦ ସାହୁ ବିରକ୍ତି ପ୍ରକାଶ କରିଥିଲେ। ଏହାଛଡ଼ା ଗ୍ରାମାଞ୍ଚଳରେ ପାଇବାକୁ ଥିବା ସାମାଜିକ ସୁରକ୍ଷା ଭତ୍ତା ତଥା ଅନ୍ୟାନ୍ୟ ତଥ୍ୟ ସମ୍ପର୍କରେ ତଦନ୍ତ କରିବାକୁ ସରକାରଙ୍କ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଉଛି। ହେଲେ ଏହାର ବାସ୍ତବ ଚିତ୍ର ମିଳିବାରେ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଯେଉଁ କର୍ମଚାରୀମାନେ ପଞ୍ଚାୟତସ୍ତରରେ ଉତ୍ତରଦାୟୀ ପାଇଁ କାର୍ଯ୍ୟ କରୁଛନ୍ତି ସେମାନେ ଜାଣିଶୁଣି ତଥା ବିଭିନ୍ନ କାରଣ ଦର୍ଶାଇ ଅନୁପସ୍ଥିତ ରହିବା ଦୁର୍ଭାଗ୍ୟଜନକ ବୋଲି ଏଡିଏମ ସାହୁ ଜନଶୁଣାଣି ବୈଠକରେ କହିଥିଲେ। ପଞ୍ଚାୟତସ୍ତରରେ ପିଇଓ, ଜିଆରଏସ୍ ଥାଇ ସୁଦ୍ଧା ବ୍ଲକ ସୋସିଆଲ ଅଡିଟ୍ ଅଫିସରଙ୍କ ତତ୍ତ୍ୱାବଧାନରେ ଭିଲେଜ ରିସର୍ଚ୍ଚ ପର୍ସନ ଭାବେ ବିଭିନ୍ନ ପଞ୍ଚାୟତରେ ଏସ୍‌ଏଚଜି ମହିଳାଙ୍କୁ ସାମାଜିକ ସୁରକ୍ଷା ଭତ୍ତା ସମ୍ପର୍କରେ ନିର୍ଭୁଲ ତଥ୍ୟ ସଂଗ୍ରହ କରିବାକୁ ନିୟୋଜିତ ରଖାଯାଇଛି। ବ୍ଲକ ସୋସିଆଲ ଅଡିଟ୍ ଅଫିସର ତ୍ରିଲୋଚନ ସାହୁଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ରିପୋର୍ଟକୁ ଦେଖି ଏଡିଏମ୍ ସାହୁ ଏହାର ତଦନ୍ତ ଦାୟିତ୍ୱରେ ଥିବା ଏସ୍‌ଏଚଜି ମହିଳାଙ୍କୁ ଏହା କେଉଁ ଆଧାରରେ କରାଯାଉଛି ବୋଲି ଶୁଣିବାକୁ ଚାହିଁଥିଲେ। ଏହାଛଡ଼ା ହାତଗଣତି କେତୋଟି ପଞ୍ଚାୟତରେ ଭତ୍ତା ପାଇବାକୁ ଥିବା କିମ୍ବା କେତେକ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିବାର ଦର୍ଶାଯାଇଥିବା ବେଳେ ବାକି ପଞ୍ଚାୟତଗୁଡିକ କ'ଣ ରାମରାଜ୍ୟ ହୋଇଗଲା। ଯାହାକି ଜାଣିଶୁଣି ତଦନ୍ତ ଅଧିକାରୀମାନେ ଏହାକୁ ଚାପି ଦେଉଥିବା ଏଡିଏମ୍ ସାହୁ ପ୍ରକାଶ କରିଥିଲେ। ଏହି ଅବସରରେ ରିସର୍ଚ୍ଚ ପର୍ସନ ଭାବେ ଯାଉଥିବା ଏସ୍‌ଏଚଜି ମହିଳାମାନେ ସେମାନଙ୍କୁ ପଞ୍ଚାୟତ ଅଧିକାରୀ ଜିଆରଏସ୍ ଓ ସରପଞ୍ଚମାନେ ଅନେକାଂଶରେ ସହଯୋଗ କରୁ ନ ଥିବା ପ୍ରକାଶ କରିଥିଲେ। ପିଇଓଙ୍କୁ ବିଡିଓ ପଞ୍ଚାନନ ପଟାୟତ ଫୋନ୍ ଯୋଗେ ଆସିବା ପାଇଁ କହିଥିଲେ ସୁଧା ସେ ନ ଆସିବା ଏବଂ ପରେ ମୋବାଇଲ ଫୋନ୍ ସୁଇଚ ଅଫ କରି ଦେବାକୁ ନେଇ ଏଡିଏମ୍ ସାହୁ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠାଇଥିଲେ। ଏମ୍‌ଜିଏନ୍‌ଆରଇଜିଏସ କାର୍ଯ୍ୟ ଅଗ୍ରଗତି ହୋଇ ପାରୁ ନ ଥିବା ବେଳେ ସମୀକ୍ଷା ଓ ଜନଶୁଣାଣିରେ ଏଡିଏମ୍ ସାହୁ ସନ୍ତୁଷ୍ଟ ନ ଥିବା ପ୍ରକାଶ କରିଥିଲେ। ଏଥିରେ ଡିଏସ୍‌ଏ ଦୀପକ କୁମାର ପରିଡ଼ା, ଏବିଡିଓ ଅଶୋକ କୁମାର ମହାନ୍ତି, ବିଏସ୍‌ଏସଓ ସନ୍ତୋଷ କୁମାର ପଣ୍ଡା ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଉଦ୍ୟମ, ଥାନାରେ ମାମଲା

**ଲଳିତଗିରି, ୨୨।୧୧(ସ୍ୱ.ପ୍ର.)**

ମାହାଙ୍ଗା ଅଞ୍ଚଳର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତା ଶିକ୍ଷୟିତ୍ରୀ ଜଣକ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ମାମଲା (ନଂ. ୨୦୩/୧୯) ରୁଜୁ ହୋଇଛି। ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲିସ୍ଥିତ ଏକ ବ୍ୟାଙ୍କରୁ ସେ ଘର ତିଆରି ନିମନ୍ତେ ଋଣ ପାଇଁ ଆବେଦନ କରିଥିଲେ। ସେତେବେଳେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଚାଳକ ଓ ଜଣେ ଦଲାଲ ମିଶି ବ୍ୟାଙ୍କରେ ତାଙ୍କ ନକଲି କାଗଜପତ୍ର ଦାଖଲ କରି ୬୪ ହାଜର ଟଙ୍କାର ଋଣ ମଞ୍ଜୁର କରାଇଦେଇଥିଲେ। ମାତ୍ର ଶିକ୍ଷୟିତ୍ରୀଙ୍କୁ କେବଳ ୨୦ ହଜାର ଟଙ୍କା ଦେଇ ବାକି ଟଙ୍କା ଆତ୍ମସାତ କରିଦେଇଥିଲେ। ଏନେଇ ଶିକ୍ଷୟିତ୍ରୀ ଜଣକ ସମ୍ପୂର୍ଣ୍ଣ ଋଣ ଟଙ୍କା ପରିଶୋଧ କରି ନ ଥିଲେ। ଫଳରେ ସମ୍ପୃକ୍ତ ବ୍ୟାଙ୍କର ପରିଚାଳକ ଦେଢ଼ ମାସ ପୂର୍ବେ ପୀଡିତାଙ୍କ ଘରକୁ ଆସି ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର କରିଥିଲେ। ମହିଳା ଜଣକ ସେତେବେଳେ ନିଶ୍ଚନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏହାପରେ ସମ୍ପୃକ୍ତ ବ୍ୟାଙ୍କ ପରିଚାଳକ ଜଣକ ଏଭଳି ଆଚରଣ ନ କରିବାକୁ ସର୍ବସାଧାରଣରେ କହିବାରୁ ମାମଲା ପ୍ରତ୍ୟାହାର କରି ନିଆଯାଇଥିଲା। ମାତ୍ର ୭ ଦିନ ପୂର୍ବେ ପୁନର୍ବାର ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀ ଶିକ୍ଷୟିତ୍ରୀଙ୍କ ସ୍କୁଲକୁ ଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ ଉଦ୍ୟମ କରିଥିଲେ। ଏସମ୍ପର୍କରେ ଶିକ୍ଷୟିତ୍ରୀ ଜଣକ ମାହାଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ମିଲରଙ୍କଠାରୁ ଚାଉଳ ସଂଗ୍ରହରେ ମନମୁଖି କାର୍ଯ୍ୟ

# ତଦନ୍ତ ନିର୍ଦ୍ଦେଶ ଦେଲେ ସିସିଆଇ

**କଟକ ଅଫିସ,୨୨।୧୧**

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମନମୁଖି କାର୍ଯ୍ୟର ତଦନ୍ତ ପାଇଁ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଏହାର ଡାଇରେକ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କମିଶନ ଉଭୟ ବିଭାଗ ଏବଂ ନିଗମକୁ ନୋଟିସ କରିଛନ୍ତି। ୨୦୧୫ ରୁ ୨୦୧୯ ପର୍ଯ୍ୟନ୍ତ ଖରିଫ ଏବଂ ରବି ଋତୁରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଚାଷୀମାନଙ୍କଠାରୁ ଧାନ କ୍ରୟ ଏହାକୁ ପ୍ରୋସେସିଂ ଓ ମହଜୁଦ୍ ରଖିବା ନିମନ୍ତେ ମିଲରମାନଙ୍କୁ ନିଯୁକ୍ତ କରିଥିଲା। ପରବର୍ତ୍ତୀ ସମୟରେ ମିଲରମାନେ ନେଇଥିବା ଧାନକୁ ଚାଉଳ କରି ଫେରସ୍ତ ଦେବା କଥା। ମାତ୍ର ନିଗମ ମିଲରମାନଙ୍କଠାରୁ ଖାମଖିଆଲି ଭାବେ ଚାଉଳ ସଂଗ୍ରହ କରିଥିଲା। ଯେଉଁ ମିଲରଙ୍କଠାରୁ ଯେତିକି ଚାଉଳ ଉଠାଇବା କଥା ନିଗମ ସେତିକି ଚାଉଳ ଉଠାଇ ନ ଥିଲା। ଫଳରେ ଅନେକ ମିଲର ଷ୍ଟୋରେଜ ଏବଂ ପ୍ରୋସେସିଂ ବାବଦରେ କ୍ଷତି ସହିଥିଲେ। ଏହା ପରବର୍ଷ ଧାନ କ୍ରୟ ସମୟରେ ଅନେକ ମିଲରଙ୍କୁ ପୂର୍ବ ବର୍ଷର ଚାଉଳ ଦେଇ ନ ଥିବାରୁ ସେମାନଙ୍କୁ ଖିଲାପି ଦର୍ଶାଇ ଆଉ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇ ନ ଥିଲା। ଚାଉଳ ନେବା ପରେ ନିଗମ ମିଲରମାନଙ୍କୁ ଠିକ୍ ସମୟରେ ଟଙ୍କା ପ୍ରଦାନ କରି ନ ଥିଲା। ଅନ୍ୟପକ୍ଷରେ ମିଲରମାନଙ୍କ ପାଖରେ ଗଚ୍ଛିତ ଧାନ ଓ ଚାଉଳର ବୀମା ନିଗମ ପକ୍ଷରୁ କରାଯାଉଥିବାବେଳେ ଏହାର ପ୍ରିମିୟମ ଅର୍ଥ ମିଲରମାନଙ୍କଠାରୁ ଆଦାୟ କରାଯାଉଛି। ହେଲେ ମିଲରମାନଙ୍କ କ୍ଷତି ଘଟିଲେ ଠିକ୍ ଭାବେ ଭରଣା କରାଯାଉ ନ ଥିବା ଅଭିଯୋଗ ହୋଇଛି। ସମ୍ବଲପୁରର ମା' ମେଟକାନୀ ରାଇସ୍ ମିଲ ଉପରୋକ୍ତ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ନ୍ୟାୟ ପାଇଁ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆଙ୍କ ଦ୍ୱାରସ୍ଥ ହୋଇଥିଲା। ଅଭିଯୋଗକାରୀଙ୍କ ତରଫରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଏବଂ ଅଭିଷେକ ଚୌଧୁରୀ ଏହି ମାମଲା ରୁଜୁ କରିଥିଲେ। ମାମଲାକୁ ଗମ୍ଭୀରତାର ଗହଣ କରି କମିଶନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ଯୋଗଦେଇଥିବା ଅତିଥିମାନେ।

**ଡିଗିରିଆ,୨୨।୧୧ (ଡି.ଏନ୍.ଏ.)**

ଡିଗିରିଆ ବ୍ଲକରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ନୂଆପାଟଣା ନୋଡ଼ାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଡିଗିରିଆ ବ୍ଲକ ଭାରପ୍ରାପ୍ତ ବିଡିଓ ପରେଶ କୁମାର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭାଗିରଥୀ ନନ୍ଦ, ଉପାଧ୍ୟକ୍ଷ ଗୌରହରି ପରିଡ଼ା, ଜିଲା ପରିଷଦ ବିଜୟଲକ୍ଷ୍ମୀ ଖଟୁଆ, ବ୍ଲକ ସହଶିକ୍ଷା ଅଧିକାରୀ ରସାନନ୍ଦ ଲେଙ୍କା, ପ୍ରିୟରଞ୍ଜନ ହୋତା ଓ ଅରୁଣ କିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୨୩୦ଜଣ ଦିବ୍ୟାଙ୍ଗଙ୍କ ନାମ ପଞ୍ଜିକରଣ କରାଯାଇଥିବା ବେଳେ ୧୫୦ଜଣଙ୍କୁ ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଚିହ୍ନଟ କରାଯାଇଥିଲା। ଏଥିସହ ୧୬ଜଣଙ୍କୁ ବସପାସ୍, ୯ଜଣଙ୍କୁ ଟ୍ରାଇ ସାଇକେଲ ଓ ୯ଜଣଙ୍କୁ ହୁଇଲ ଚେୟାର ପରେ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏଥିରେ କଟକ ବଡ଼ ଡାକ୍ତରଖାନା, ସିଟି ହସ୍ପିଟାଲର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ରହି ବିଭିନ୍ନ ପରୀକ୍ଷା କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଗଙ୍ଗାଧର ବେହେରା ଏହାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବିରରେ ନୂଆପାଟଣା ସମିତିସଭ୍ୟ ସଞ୍ଜୟ କର, ମହେନ୍ଦ୍ର କୁଣ୍ଟୁ, ଅରୁଣ ନାୟକ, ସରୋଜ କୁମାର ଦାଶ ଓ ଗୌରହରି ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଟିକ୍‌ଟକ୍ ଭିଡିଓ ପାଇଁ ୨ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ: ୫ ଗିରଫ

**କଟକ ଅଫିସ,୨୨।୧୧**

ଟିକ୍‌ଟକ୍ ଭିଡିଓ ପାଇଁ ୨ସୁରକ୍ଷା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୋଲିସ ଶୁକ୍ରବାର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ବାଘମୁଣ୍ଡ ସାହିର ହରପିତ୍ ସିଂ(୨୨), ସଞ୍ଜୟ (୨୧), ବିଦ୍ୟାଧରପୁରର ଜଗଦିଶ ପଣ୍ଡା (୨୦), ଗୋପବନ୍ଧୁନଗରର ବୁବୁ ଓ ରାଜା। ସୂଚନା ଅନୁଯାୟୀ, ଭଦିମୂଳ ଅଞ୍ଚଳ ବିଦ୍ୟାଧରପୁରରେ ଜାଇକା ପ୍ରକଳ୍ପର ଏକ କାର୍ଯ୍ୟାଳୟ ରହିଛି। ଏଠାରେ ଫଟୋ ଓ ଭିଡିଓ ଉତ୍ତୋଳନ ନେଇ ବାରଣ ରହିଛି। ତେବେ ଅଭିଯୁକ୍ତମାନେ ଗୁରୁବାର ଉକ୍ତ ସ୍ଥାନକୁ ଯାଇ ଫଟୋ ଉଠାଇବା ସହ ଟିକ୍‌ଟକ୍ ଭିଡିଓ କରୁଥିଲେ। ଏନେଇ ସେଠାରେ ସୁରକ୍ଷା କର୍ମୀ ଭାବେ ନିୟୋଜିତ ଥିବା ସୁରକ୍ଷା କର୍ମୀ ସରୋଜ କୁମାର ବେହେରା ସେମାନଙ୍କୁ ବାରଣ କରିଥିଲେ। ଅଭିଯୁକ୍ତମାନେ ତାଙ୍କ ସହ ପ୍ରଥମେ ବଚସା ପରେ ମାଡ ମାରିଥିଲେ। ଏଥିରେ ସରୋଜଙ୍କ ମୁଣ୍ଡ ଫାଟିଯାଇଥିଲା। ସରୋଜଙ୍କୁ ଅଭିଯୁକ୍ତମାନେ ମାଡ଼ ମାରୁଥିବା ଦେଖି ସୁରକ୍ଷା କର୍ମୀ ଅରୋଜ ଦାସ ଅଟକାଇବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏଥିରେ ତାଙ୍କ ହାତ ଭାଙ୍ଗି ଯାଇଥିଲା।

### ଟ୍ରକରୁ ଖସିପଡ଼ି ଚାଳକ ମୃତ

**ଖୁଣ୍ଟୁଣୀ,୨୨।୧୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଥିବା ଏକ ପାୱାର ପ୍ଲାଣ୍ଟ ପରିସରରେ ଶୁକ୍ରବାର ଟ୍ରକରୁ ଖସି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଥାନା ହେମମାଳପୁର ଗ୍ରାମର କୁଞ୍ଜ ବିହାରୀ ଦଳେଇ। କୁଞ୍ଜ ଖୁଣ୍ଟୁଣୀ ର୍‍ୟାକ ସାଇଡରୁ ଭୁବନେଶ୍ୱର ପାୱାର ପ୍ଲାଣ୍ଟକୁ କୋଇଲା ନେଇ ଟ୍ରକରେ ଯାଇଥିଲେ। କାରଖାନା ପରିସରରେ ଟ୍ରକ ଉପରେ ଚଢ଼ି ପାଲ ଖୋଲିବା ପରେ ତଳକୁ ଓହ୍ଲାଉଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟସ୍ତରୀୟ ବଲ-ବ୍ୟାଡ୍ ମିଣ୍ଟନ୍ ଟୁର୍ନାମେଣ୍ଟ

**ବାଙ୍କୀ,୨୨।୧୧(ସ୍ୱ.ପ୍ର.)**




ରାଜ୍ୟସ୍ତରୀୟ ବଲ-ବ୍ୟାଡ୍ ମିଣ୍ଟନ୍ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସରେ ଉପସ୍ଥିତ ଅତିଥି।

ବାଙ୍କୀ କଚେରି ପଡିଆରେ ୨୭ତମ ରାଜ୍ୟସ୍ତରୀୟ ବଲ-ବ୍ୟାଡ୍ ମିଣ୍ଟନ୍ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ(ମହିଳା ଓ ପୁରୁଷ)ର ୨ୟ ଦିନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ତହସିଲଦାର ପଦ୍ମଚରଣ ସାହୁ ମୁଖ୍ୟ ଅତିଥି, ବ୍ଲକ୍ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତ ମୁଖ୍ୟବକ୍ତା ଓ ଆଞ୍ଚଳିକ ବାଣିଜ୍ୟ ସମବାୟ ସଭାପତି ସମରେନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ପ୍ରତିଯୋଗିତାରେ ଅନୁଗୁଳ, ମୟୂରଭଞ୍ଜ, କେନ୍ଦ୍ରାପଡା, ଖୋର୍ଦ୍ଧା, କଟକ, ପୁରୀ, କନ୍ଧମାଳ, ବଲାଙ୍ଗୀର ଓ ରାୟଗଡା ଜିଲାର ଖେଳାଳି ଭାଗନେଇଥିଲେ। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ସାମଲ ଅଧ୍ୟକ୍ଷତା କରିଥିଲେ। ସାଧାରଣ ସମ୍ପାଦକ ବୃନ୍ଦାବନ ପ୍ରଧାନ ବିବରଣୀ ପାଠ କରିଥିଲେ। ସନ୍ତୋଷ କୁମାର ରଣା ଏହାକୁ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# କୁଷ୍ଠରୋଗ ଚିହ୍ନଟ ଅଭିଯାନ




ସ୍ୱାସ୍ଥ୍ୟକର୍ମୀମାନେ ଘରଘର ବୁଲି କୁଷ୍ଠରୋଗ ନିରାକରଣ ପାଇଁ ସଚେତନ କରୁଛନ୍ତି।

**ବାଙ୍କୀ,୨୨।୧୧(ସ୍ୱ.ପ୍ର)**

ବାଙ୍କୀ ବିଜ୍ଞାପିତ ଅଞ୍ଚଳରେ କୁଷ୍ଠରୋଗ ଚିହ୍ନଟ ଅଭିଯାନ ୨୦୧୯ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଡମପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଡମପଡ଼ା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶାନ୍ତିଲତା ଦେଈ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରୁଛନ୍ତି। ୧୫ଜଣ ଆଶା ଓ ଅଙ୍ଗନୱାଡି କର୍ମୀ, ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ, ୨ଜଣ ପୁରୁଷ ସ୍ୱାସ୍ଥ୍ୟ ପରିଦର୍ଶକ, ୨ ଜଣ ମହିଳା ସ୍ୱାସ୍ଥ୍ୟକର୍ମୀ ୨ଜଣ ଏବଂ କୁଷ୍ଠରୋଗୀ କର୍ମୀ ଶରତ କୁମାର ପ୍ରଧାନଙ୍କୁ ନେଇ ଏହି ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏହି ଅବସରରରେ ଲୋକଙ୍କ ମଧ୍ୟରେ କୁଷ୍ଠରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। କୁଷ୍ଠରୋଗ ଏକ ଜୀବାଣୁଜନିତ ସାଧାରଣ ରୋଗ। ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ। ପ୍ରାଥମିକ ଅବସ୍ଥାରେ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏନାହିଁ। ଏମ୍‌ଡିଟି ଦ୍ୱାରା କୁଷ୍ଠ ରୋଗ ସମ୍ପୂର୍ଣ୍ଣ ଆରୋଗ୍ୟ ସାଧ୍ୟ । ଏହା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ମାଗଣାରେ ମିଳିପାରୁଛି ବୋଲି ସ୍ୱାସ୍ଥ୍ୟକେନ୍ଦ୍ର କର୍ମୀମାନେ କହିଛନ୍ତି। ଏହି ଚିହ୍ନଟ ପ୍ରକ୍ରିୟା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧ୍ୟକ୍ଷା ମହାପାତ୍ର ପ୍ରକାଶ କରିଛନ୍ତି।

# ୧୨ରୁ ରତାପାଟ ମହାଲକ୍ଷ୍ମୀ ପୂଜା ଉତ୍ସବ

**ବଡମ୍ବା,୨୨।୧୧(ଡି.ଏନ୍.ଏ)**

ବଡମ୍ବା ବ୍ଲକ୍ ଅନ୍ତର୍ଗତ ରତାପାଟ ଗ୍ରାମରେ ଡିସେମ୍ବର ୧୨ରୁ ମହାଲକ୍ଷ୍ମୀ ପୂଜା ଉତ୍ସବ ଓ ଯାତ୍ରା ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ରତାପାଟସ୍ଥିତ ଓଡିଶା ଷ୍ଟେଟ ବ୍ରିଗେଡ ସ୍କୁଲ ପରିସରରେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ମହାଲକ୍ଷ୍ମୀପୂଜା କମିଟି ସଭାପତି ହରିହର ବଳବନ୍ତରାୟ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ଆଠଗଡ ଏସ୍‌ଡିପିଓ ଆଲୋକ ରଞ୍ଜନ ରାୟ, ବଡମ୍ବା ଥାନା ଆଇଆଇସି ପ୍ରଭାତ କୁମାର ମଲ୍ଲିକ, ବଳଭଦ୍ର ରାଉତ, ପ୍ରଫୁଲ୍ଲ କୁମାର ବରାଳ, କୃଷ୍ଣଚନ୍ଦ୍ର ରାଉତ ଓ ତ୍ରିଲୋଚନ ପଲେଇ ପ୍ରମୁଖ ଯୋଗଦେଇ ଚଳିତବର୍ଷ ଯାତ୍ରା କିପରି ଶାନ୍ତି ଶୃଙ୍ଖଳା ସହ କରାଯିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିପାଇଁ ସ୍ୱାସ୍ଥ୍ୟବିଭାଗ, ଅଗ୍ନିଶମବିଭାଗ, ବିଦ୍ୟୁତବିଭାଗ, ଜଳ ଓ ପରିମଳ ବିଭାଗ ସମେତ ସମସ୍ତ ପ୍ରଶାସନକୁ ଅବଗତ କରାଯିବ ବୋଲି ବୈଠକରେ ସମ୍ମତି ପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ରଜନୀକାନ୍ତ ବଳବନ୍ତରାୟ, ଯୋଗୀନାଥ ମହାନ୍ତି, ବିଜୟ କୁମାର ଦଳ ବେହେରା, ପ୍ରସନ୍ନ ପ୍ରଧାନ ଓ ରବୀନ୍ଦ୍ର କୁମାର ଦାସ ପ୍ରମୁଖ ଉପସ୍ଥିତଥିଲେ । ଶେଷରେ ଭୀମସେନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁକୁଡା ଚିଆଁ ବଣ୍ଟନରେ ଅନିୟମିତତା ଅଭିଯୋଗ

# ଉଚ୍ଚସ୍ତରୀୟ ତଦନ୍ତ ଦାବି

**ମାହାଙ୍ଗା, ୨୨।୧୧(ସ୍ୱ.ପ୍ର.)**

ମାହାଙ୍ଗା ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ଶୁକ୍ରବାର ଘର ଅଗଣାରେ କୁକୁଡା ଚାଷ ଯୋଜନାରେ ମାଗଣା କୁକୁଡା ଚିଆଁ ବଣ୍ଟନ କରିବାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ଉଚ୍ଚସ୍ତରୀୟ ତଦନ୍ତ ଦାବି ହୋଇଛି।

ସୂଚନାଯୋଗ୍ୟ, ଗ୍ରାମାଞ୍ଚଳର ଅସହାୟ, ବିଧବା ଓ ଗରିବ ଲୋକଙ୍କ ଆର୍ଥିକ ଅଭିବୃଦ୍ଧି ଲାଗି ମାହାଙ୍ଗା ବ୍ଲକରେ ପ୍ରାଣୀ ଧନ ଚିକିତ୍ସା ବିଭାଗ ପକ୍ଷରୁ ଘର ଅଗଣାରେ କୁକୁଡା ଚାଷ ଯୋଜନାରେ ମାଗଣାରେ କୁକୁଡା ଚିଆଁ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବ୍ଲକର ୧୦୨ ଜଣ ହିତାଧିକାରୀଙ୍କୁ ଶୁକ୍ରବାର ୨୫ଟି ଲେଖାଏ କୁକୁଡା ଚିଆଁ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଏହି ହିତାଧିକାରୀମାନଙ୍କୁ ବ୍ୟାଙ୍କ ମାଧମରେ ୫ ଶହ ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି। ମାତ୍ର କୁକୁଡା ଚାଷୀମାନଙ୍କୁ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ମନମୁଖିଭାବେ ବିଭାଗୀୟ ଅଧିକାରୀମାନେ ହିତାଧିକାରୀ ଚୟନ କରିଥିବା ନେଇ ସାଧାରଣରେ ଅଭିଯୋଗ ହୋଇଛି। ଫଳରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ଚିଆଁ ମିଳିପାରିନାହିଁ। ବ୍ଲକ ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତରେ ଆନନ୍ଦପୁର ପଞ୍ଚାୟତକୁ ଆଦୌ କୁକୁଡା ଚିଆଁ ପ୍ରଦାନ କରାଯାଇନାହିଁ ବୋଲି ସରପଞ୍ଚ ଲଳିତମୋହନ ମହାପାତ୍ର କହିଛନ୍ତି। ଏପରିକି ଏସମ୍ପର୍କରେ ତାଙ୍କୁ ପୂର୍ବରୁ କୌଣସି ସୂଚନା ମିଳିନାହିଁ ବୋଲି ସେ କହିଛନ୍ତି। ସେହିପରି ଅନ୍ୟ କିଛି ପଞ୍ଚାୟତରେ ପୂର୍ବରୁ କୌଣସି ସୂଚନା ଦିଆ ନ ଯାଇ ବିଳମ୍ବରେ କମ୍ ପରିମାଣରେ ଚିଆଁ ବଣ୍ଟନ କରାଯାଇଥିବା ଛେଦା ଓ କଇଥା ଅଞ୍ଚଳର ଭିକାରୀ ମଲିକ ଏବଂ କାଶିନାଥ ମଲିକ କହିଛନ୍ତି। ଏ ସମ୍ପର୍କରେ ପ୍ରାଣୀ ଚିକିତ୍ସା ଅଧିକାରୀ ମୃଣ୍ମୟ ପଣ୍ଡା କହିଛନ୍ତି ଚିଆଁ ବଣ୍ଟନ ପାଇଁ ସ୍ଥାନୀୟ ସରପଞ୍ଚମାନଙ୍କୁ ପୂର୍ବରୁ ଅବଗତ କରାଯାଇଥିଲା। ପରେ ସେମାନଙ୍କ ସୁପାରିଶରେ ଚିଆଁ ବଣ୍ଟନ କରାଯାଇଛି । ବିଭାଗୀୟ ଅଧିକାରୀ ଓ ସରପଞ୍ଚମାନେ ଚିଆଁ ବଣ୍ଟନକୁ ନେଇ ପରସ୍ପର ମଧ୍ୟରେ ଦୋଷ ଲଦାଲଦି ହେଉଥିବା ବେଳେ ପ୍ରକୃତ ହିତାଧିକାରୀମାନେ ଏନେଇ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ଯୋଗ୍ୟ ହିତାଧିକାରୀଙ୍କୁ କୁକୁଡା ଚିଆଁ ପ୍ରଦାନ ପାଇଁ ସାଧାରଣରେ ଦାବି ହୋଇଛି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶନିବାର, ନଭେମ୍ବର ୨୩/୨୦୧୯ Bhubaneswar, Saturday, November 23/2019

# କଟକ: ୪୮ ଘଣ୍ଟାରେ ୨ ବୋମାମାଡ଼

■ସହରବାସୀ ଆତଙ୍କିତ
■ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ

**କଟକ ଅଫିସ, ୨୨।୧୧**

ଗତ ୪୮ଘଣ୍ଟା ମଧ୍ୟରେ କଟକ କମିଶନରେଟ୍ ପୋଲିସ ଅଧୀନ ଦୁଇଟି ସ୍ଥାନରେ ବୋମାମାଡ଼ ହୋଇଛି। ଏଥିରେ ଜଣେ ଆହତ ହୋଇଛନ୍ତି। ଏହି ଘଟଣାକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଥିବାବେଳେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଦୁଇଟି ଘଟଣା ଘଟିଥିବା ପୋଲିସ ସୂଚନା ଦେଇଛି। ତେବେ କଟକରେ ନୂଆ ଅପରାଧୀ ଗୋଷ୍ଠୀ ନିଜର କାୟାବିସ୍ତାର କରୁଥିବା ସାଧାରଣରେ ଆଲୋଚନା ହେଉଛି।

ଶୁକ୍ରବାର ଅପରାହ୍ନରେ ଦରଘାବଜାର ଥାନା ଅଧୀନ ଓଡ଼ିଆ ବଜାରର ଏସ୍‌କେ ବାବୁଙ୍କ ଘର ଉପରକୁ ବୋମାମାଡ ହୋଇଛି। ଅପରାହ୍ନ ପ୍ରାୟ ସାଢେ ୩ଟାରେ ୩ଜଣ ବ୍ୟକ୍ତି ମୁହଁରେ ରୁମାଲ ବାନ୍ଧି ଗୋଟିଏ ବାଇକ୍‌ରେ ବାବୁଙ୍କ ଘର ନିକଟକୁ ଆସି ଦୁଇଟି ବୋମାମାଡ କରିଥିଲେ। ଗୋଟିଏ ବୋମା ବାବୁଙ୍କ ଘର ଉପରେ ପଡ଼ିଥିବାବେଳେ ଅନ୍ୟଟି ଛିଟିକି ପଡ଼ି ଘର ପାଖ ଡ୍ରେନ୍‌ରେ ପଡ଼ି ଯାଇଥିଲା। ଏହି ସମୟରେ ଘରେ କେହି ନ ଥିବାରୁ ବୋମାମାଡ଼ରେ କୌଣସି କ୍ଷୟକ୍ଷତି ହୋଇନାହିଁ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ବୋମାମାଡ ଘଟିଥିବା ପୋଲିସ ଜାଣିବାକୁ ପାଇଛି। ଦରଘାବଜାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏ ନେଇ ବାବୁଙ୍କ ପୁଅ ସାହିଲ ବକ୍ସ ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ବୁଧବାର ରାତିରେ ଜଗତ୍‌ପୁର ଥାନା ବହୁଗ୍ରାମ ଫାଣ୍ଡି ଅନ୍ତର୍ଗତ ନୃସିଂହବଜାର ନିକଟରେ ବୋମାମାଡ଼ ହୋଇଥିଲା। ନୃସିଂହ ବଜାରରେ ହୋମିଓପ୍ୟାଥୀ ଦୋକାନ କରିଥିବା ଏସ୍‌କେ ସୌକତ ଅଲ୍ଲୀ ରାତି ପ୍ରାୟ ସାଢ଼େ ୯ଟାରେ ଦୋକାନ ବନ୍ଦ କରି ପୂର୍ବକଚ୍ଛ ଅନ୍ତର୍ଗତ ଇସ୍‌ଲାମପୁରସ୍ଥିତ ତାଙ୍କ ଘରକୁ ଫେରୁଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ତାଙ୍କ ଉପରକୁ ବୋମା ଫିଙ୍ଗି ଫେରାର ହୋଇଯାଇଥିଲେ। ଏଥିରେ ସୌକତ ଆହତ ହୋଇଛନ୍ତି। ସୌକତଙ୍କ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ କରାଯାଇଛି। ବୋମାମାଡ଼ କରିଥିବା ୩ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ସୌକତ ଚିହ୍ନିଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହା ପରେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇନାହିଁ। ପୂର୍ବରୁ ସୌକତଙ୍କ ପରିବାର ସହ ଅଭିଯୁକ୍ତଙ୍କ ଗଣ୍ଡଗୋଳ ହୋଇଥିଲା।


ବୋମାମାଡ଼ ସ୍ଥଳରେ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରୁଛି।

# ଲାଞ୍ଚ: ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ ଗିରଫ

**କଟକ ଅଫିସ, ୨୨।୧୧**

୧୦ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଗିରଫ ହୋଇଛନ୍ତି ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ମହାନ୍ତ। ସେ ଭୁବନେଶ୍ୱର ସିଟି ଡିଷ୍ଟ୍ରିବ୍ୟୁଶନ ଡିଭିଜନ-୨ ଅଧୀନରେ ଥିବା ଗୋଡ଼ିସାହି ସେକ୍ସନରେ କାର୍ଯ୍ୟରତ। ଶୁକ୍ରବାର ସେ ଏହି ଲାଞ୍ଚ କଟକ ମଙ୍ଗଳାବାଗ ଥାନା ଅଧୀନ ମଲ୍ଲାସାହି ଅଞ୍ଚଳର ବିଜୟ କୁମାର ପାତ୍ରଙ୍କଠାରୁ ଗ୍ରହଣ କରୁଥିଲେ। ବିଜୟଙ୍କ ଜଣେ ସମ୍ପର୍କୀୟଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ମହାନ୍ତ ଏହି ଲାଞ୍ଚ ଦାବି କରିଥିଲେ। ସିଡିଏ ସେକ୍ଟର-୨ ନିକଟରେ ମହାନ୍ତ ଲାଞ୍ଚ ୧୦ହଜାର ଟଙ୍କା ବିଜୟଙ୍କଠାରୁ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରାଯାଇଥିଲା। ଏହାପରେ ଭିଜିଲାନ୍ସ ପକ୍ଷରୁ ମହାନ୍ତଙ୍କ କେନ୍ଦୁଝର ଜିଲା ବରିଆ ଥାନା ଅଧୀନ କଳିଙ୍ଗା ଗ୍ରାମର ଘରକୁ ଯାଞ୍ଚ କରାଯାଇଥିଲା। ଏ ସମ୍ପର୍କରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା(ନଂ.୩୯/୨୦୧୯) ରୁଜୁ ହୋଇଛି।





କଟକ ଜୋବ୍ରା ଆନିକଟ ମହାନଦୀ ଜଳରାଶି ମଧ୍ୟରେ ଥିବା ପଥରଶିଳା ଉପରେ ବସିଥିବା କଇଁଛ।

# ଯୁବକଙ୍କ ଆତ୍ମହତ୍ୟା

**କଟକ ଅଫିସ, ୨୨।୧୧**

ବାଦାମବାଡି ଥାନା ଅନ୍ତର୍ଗତ ଓଏସ୍‌ଏଲ ନିକଟରେ ଥିବା ଏକ ଗ୍ୟାରେଜରେ ଜଣେ ଯୁବକ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କେନ୍ଦ୍ରାପଡା ଜିଲା ଆଳି ଅଞ୍ଚଳ ଦେଉଳସାହିର ଅତୁଲ୍ୟ କୁମାର ଦାସ(୩୪)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ ପଠାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ତେବେ ପାରିବାରିକ କଳହକୁ କେନ୍ଦ୍ରକରି ଅତୁଲ୍ୟ ଆତ୍ମହତ୍ୟା କରିଥିବା ତାଙ୍କ ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି ବୋଲି ବାଦାମବାଡି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ ସୂଚନା ଦେଇଛନ୍ତି। ଅତୁଲ୍ୟ କଟକ ସଦର ଥାନା ଅନ୍ତର୍ଗତ କାଜିପାଟଣା ଗ୍ରାମରେ ଥିବା ତାଙ୍କ ଶ୍ୱଶୁର ଘରେ ରହୁଥିଲେ। ସେ ପ୍ରଥମେ ଉକ୍ତ ଗ୍ୟାରେଜରେ କାମ କରୁଥିଲେ। ପରେ ଏକ ଅଟୋ କିଣି ଚଳାଉଥିଲେ। ତେବେ ପାରିବାରିକ କଳହ ଯୋଗୁ ଅତୁଲ୍ୟ ଗୁରୁବାର ବିଳମ୍ବିତ ରାତିରେ ଉକ୍ତ ଗ୍ୟାରେଜ ସାମ୍ନା ଛପରରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ସକାଳେ ଉକ୍ତ ସ୍ଥାନରେ ମୃତଦେହ ଝୁଲୁଥିବା ନେଇ ସ୍ଥାନୀୟ ଲୋକେ ବାଦାମବାଡି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତଦନ୍ତ କରିବା ସହ ନିକଟସ୍ଥ ସ୍ଥାନୀୟ ଦୋକାନରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରିଥିଲା। ଯାଞ୍ଚବେଳେ ସେ ଆତ୍ମହତ୍ୟା କରିଥିବା ପୋଲିସ ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା।

# ୧ଲକ୍ଷ ଟଙ୍କାର କାଠ କୋଇଲା ଜବତ

**ଖୁଣ୍ଟୁଣୀ,୨୨।୧୧(ଡି.ଏନ୍.ଏ.)** ଖୁଣ୍ଟୁଣୀ ବନାଞ୍ଚଳ ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମରୁ ଶୁକ୍ରବାର ବନ ବିଭାଗ ପ୍ରାୟ ୧ଲକ୍ଷ ଟଙ୍କାର କାଠ କୋଇଲା ଜବତ କରିଛି। ସୂଚନା ଅନୁଯାୟୀ, ଖଣ୍ଡୁଆଳି ଗ୍ରାମ ସରସ୍ୱତୀପୁର ସାହିରେ କେତେକ ପରିତ୍ୟକ୍ତ ଗୃହରେ କୋଇଲା ମହଜୁଦ ଥିବା ଖବରପାଇ ବନାଞ୍ଚଳ ଅଧିକାରୀ ମାଗୁଣୀ ଚରଣ ବେହେରାଙ୍କ ସମେତ ଫରେଷ୍ଟର ରାକେଶ ଦଳେଇ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଆଶିଷ ନାୟକ, ରମାକାନ୍ତ ବଳବନ୍ତରାୟଙ୍କ ସମତେ ମୋବାଇଲ ସ୍କ୍ୱାଡ୍ ସାମିଲ ହୋଇଥିଲେ।

## ■ ସିଂହଦ୍ୱାର ସମ୍ମୁଖ ଭିଡିଓ ଭାଇରାଲ

# ମହିଳା ଭକ୍ତ-ପୋଲିସ ଧସ୍ତାଧସ୍ତି

**ପୁରୀ ଅଫିସ, ୨୨।୧୧**

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଘଟିଛି ଏକ ଅଭାବନୀୟ ଘଟଣା। ଆଉ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କେତେଜଣ ମହିଳା ଭକ୍ତ ଶ୍ରୀମନ୍ଦିର ଭିତରକୁ ବ୍ୟାରିକେଡ ଡେଇଁ ପଶିବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଛି। ଏମିତି କି କେତେଜଣ ମହିଳା ଜୋରଜବରଦସ୍ତ ମନ୍ଦିର ଭିତରକୁ ପଶୁଥିବାବେଳେ ଆଉ କେତେଜଣ ତଳେ ପଡି ଯାଉଥିବା ଦୃଶ୍ୟ ଏଥିରେ ରହିଛି। ଶୁକ୍ରବାର ସୋସିଆଲ ମିଡିଆରେ ଏହି ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ବେଶ୍ ଚର୍ଚ୍ଚା ହେଉଛି।

ଭାଇରାଲ ଭିଡିଓ କେଉଁଦିନର ତାହା ସ୍ପଷ୍ଟ ଜଣାପଡି ନାହିଁ। କିନ୍ତୁ ଶ୍ରୀମନ୍ଦିର ଦ୍ୱାରଫିଟା ସମୟର ଏହା ଦୃଶ୍ୟ ବୋଲି ଅନୁମାନ କରାଯାଉଛି। ନିକଟରେ ଶେଷ ହୋଇଛି ପଞ୍ଚୁକ। ପଞ୍ଚୁକର ଶେଷ ଦିନ ଅର୍ଥାତ୍ କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପ୍ରବଳ ଗହଳି ହୋଇଥିଲା। କାର୍ତ୍ତିକ ପୂର୍ଣ୍ଣିମା ଭୋର ସମୟର ଏହା ହୋଇଥାଇପାରେ ବୋଲି କୁହାଯାଉଛି। ତେବେ ଏହି ଭିଡିଓରେ କେତେଜଣ ମହିଳା ଭକ୍ତ ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ ଦେଇ ମନ୍ଦିର ଭିତରକୁ ପଶିବାକୁ ଉଦ୍ୟମ କରୁଥିବା ବେଳେ କାର୍ଯ୍ୟରତ ଉଭୟ ମହିଳା ଓ ପୁରୁଷ ପୋଲିସ ସେମାନଙ୍କୁ ଅଟକାଇବାକୁ ଚେଷ୍ଟା କରୁଛନ୍ତି। କେହି କେହି ବ୍ୟାରିକେଡ ଡେଇଁ ଯିବାବେଳେ ପୋଲିସ ସହ ସେମାନଙ୍କ ଧସ୍ତାଧସ୍ତି ହେଉଛି। ଏମିତି କି ସିଂହଦ୍ୱାର ଚକଡ଼ାରେ ଜଣେ ମହିଳା ପଡିଯାଉଛନ୍ତି। ଏକାଧିକ ମହିଳା ବ୍ୟାରିକେଡ ଉପରେ ଚଢି ମନ୍ଦିର ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି।

# 'ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନିଆଯିବ'

**କଟକ ଅଫିସ, ୨୨।୧୧**

ବାଲିଯାତ୍ରା ସମ୍ପର୍କିତ ବୈଠକ

ଚଳିତବର୍ଷ ଐତିହାସିକ କଟକ ବାଲିଯାତ୍ରା ଉତ୍ସବ ସଫଳତାର ସହ ଶେଷ ହୋଇଥିବା ନେଇ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କ୍ଲବଠାରେ ଶୁକ୍ରବାର ପ୍ରଶାସନ ପକ୍ଷରୁ ବୈଠକ ବସିଥିଲା। ଏଥିରେ ବାଲିଯାତ୍ରାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ, ସିଏମ୍‌ସି କମିଶନର ଅନନ୍ୟା ଦାସ, ପିଡି ଡିଆରଡିଏ ଅବଦଲ ମହମ୍ମଦ ଅଖତର, ଡିସିପି ଅଖିଳେଶ ସିଂ ଉପସ୍ଥିତ ଥିଲେ। ଏଥିରେ ଗଣମାଧ୍ୟମର ବହୁ ପ୍ରତିନିଧି ଯୋଗଦେଇ ବାଲିଯାତ୍ରାରେ ହୋଇଥିବା ସମସ୍ୟା ସମ୍ପର୍କରେ କହିଥିଲେ। ଏହି ସବୁ ସମସ୍ୟାକୁ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରାଯିବା ସହ ଆଗାମୀ ବର୍ଷ ହେବାକୁ ଥିବା ବାଲିଯାତ୍ରାରେ ଯେଭଳି ଏହି ସମସ୍ୟା ଦୂର କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବାକୁ ଉଦ୍ୟମ ହେବ ବୋଲି ଜିଲାପାଳ କହିଛନ୍ତି। ଏଥିରେ ସିଏମ୍‌ସି ସେକ୍ରେଟାରୀ ଲତାଶ୍ରୀ ବାଗ, ଉପଜିଲାପାଳ ଶୁଭ୍ରାଂଶୁ ମିଶ୍ରଙ୍କ ସମେତ ସିଏମ୍‌ସିର ବରିଷ୍ଠ ଅଧିକାରୀଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।


ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ବୋଧନ ଦେଉଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ନାଟ୍ୟକାର କୃତ୍ତିବାସ ନାୟକ ପାଇବେ ଆଦିନାଟ୍ୟକାର ସମ୍ମାନ

**କଟକ ଅଫିସ, ୨୨।୧୧:** ଆଦିନାଟ୍ୟକାର ସ୍ମୃତି ସଂସଦ ପକ୍ଷରୁ ଚଳିତବର୍ଷ ମର୍ଯ୍ୟାଦାଜନକ ଆଦିନାଟ୍ୟକାର ସମ୍ମାନ ନାଟ୍ୟକାର କୃତ୍ତିବାସ ନାୟକଙ୍କୁ ପ୍ରଦାନ କରାଯିବ। ନାଟ୍ୟକାର ନାୟକଙ୍କ ରଚିତ ପାଠଶାଳା, ବୃତ୍ତର କେନ୍ଦ୍ରବିନ୍ଦୁ, ଅଲିଭା ଦାଗ, ବିବାହ, ପ୍ରେମିକା, ଧୂଳିଘର, ମୁଁ ସ୍ୱାତୀ ମହାପାତ୍ର ପ୍ରଭୃତି ନାଟକ ଓଡ଼ିଶାର ସାରସ୍ୱତ ଜଗତରେ ଖ୍ୟାତି ଅର୍ଜନ କରିଛି। ଓଡ଼ିଶା ସରକାରଙ୍କ ଅତିରିକ୍ତ ଶାସନ ସଚିବ ପଦରୁ ଅବସର ନେଲାପରେ ସେ ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ। ଆସନ୍ତା ୨୫ ତାରିଖରେ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାୟକଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯିବ ବୋଲି ସଂସଦର ସମ୍ପାଦକ ସୁକାନ୍ତ ନନ୍ଦ କହିଛନ୍ତି।

### କିଡ୍‌ନୀ ରୋଗରେ ଜଣେ ମୃତ

**ତିଗିରିଆ, ୨୨।୧୧ (ଡି.ଏନ୍.ଏ.):** କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ତିଗିରିଆ ବ୍ଲକ ଅନ୍ତର୍ଗତ ଗୋକର୍ଣ୍ଣଖାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଗୁରୁବାର ଅପରାହ୍ନରେ ମୃତ୍ୟୁ ଘଟିଛି। ସେ ହେଲେ ପଙ୍କଜ ସ୍ୱାଇଁ (୫୨)। ସେ ଗତ ୬ମାସ ହେବ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ।

### ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ ଉଦ୍ୟମ, ଥାନାରେ ମାମଲା

**ଲଳିତଗିରି, ୨୨।୧୧(ସ୍ୱ.ପ୍ର.):** ମାହାଙ୍ଗା ଅଞ୍ଚଳର ଜଣେ ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ସମ୍ପୃକ୍ତା ଶିକ୍ଷୟିତ୍ରୀ ଜଣକ ମାହାଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଶୁକ୍ରବାର ମାମଲା (ନଂ. ୨୦୩/୧୯) ରୁଜୁ ହୋଇଛି। ଶିକ୍ଷୟିତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ନିଶ୍ଚିନ୍ତକୋଇଲିସ୍ଥିତ ଏକ ବ୍ୟାଙ୍କରୁ ସେ ଘର ତିଆରି ନିମନ୍ତେ ଋଣ ପାଇଁ ଆବେଦନ କରିଥିଲେ। ସେତେବେଳେ ସମ୍ପୃକ୍ତ ବ୍ୟାଙ୍କର ଶାଖା ପରିଚାଳକ ଓ ଜଣେ ଦଲାଲ ମିଶି ବ୍ୟାଙ୍କରେ ତାଙ୍କ ନକଲି କାଗଜପତ୍ର ଦାଖଲ କରି ୬୪ ହାଜର ଟଙ୍କାର ଋଣ ମଞ୍ଜୁର କରାଇଦେଇଥିଲେ। ମାତ୍ର ଶିକ୍ଷୟିତ୍ରୀଙ୍କୁ କେବଳ ୨୦ ହଜାର ଟଙ୍କା ଦେଇ ବାକି ଟଙ୍କା ଆତ୍ମସାତ କରିଦେଇଥିଲେ। ଏନେଇ ଶିକ୍ଷୟିତ୍ରୀ ଜଣକ ସମ୍ପୂର୍ଣ୍ଣ ଋଣ ଟଙ୍କା ପରିଶୋଧ କରି ନ ଥିଲେ। ଫଳରେ ସମ୍ପୃକ୍ତ ବ୍ୟାଙ୍କର ପରିଚାଳକ ଦେଢ଼ ମାସ ପୂର୍ବେ ପୀଡିତାଙ୍କ ଘରକୁ ଆସି ଗାଳିଗୁଲଜ କରିବା ସହ ଖରାପ ବ୍ୟବହାର କରିଥିଲେ। ଏନେଇ ମହିଳା ଜଣକ ସେତେବେଳେ ନିଶ୍ଚନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ। ଏହାପରେ ସମ୍ପୃକ୍ତ ବ୍ୟାଙ୍କ ପରିଚାଳକ ଜଣକ ଏଭଳି ଆଚରଣ ନ କରିବାକୁ ସର୍ବସାଧାରଣରେ କହିବାରୁ ମାମଲା ପ୍ରତ୍ୟାହାର କରି ନିଆଯାଇଥିଲା। ମାତ୍ର ୭ ଦିନ ପୂର୍ବେ ପୁନର୍ବାର ସମ୍ପୃକ୍ତ ବ୍ୟାଙ୍କ କର୍ମଚାରୀ ଶିକ୍ଷୟିତ୍ରୀଙ୍କ ସ୍କୁଲକୁ ଯାଇ ତାଙ୍କୁ ଗାଳିଗୁଲଜ କରିବା ସହ ଅସଦାଚରଣ ଉଦ୍ୟମ କରିଥିଲେ। ଏସମ୍ପର୍କରେ ଶିକ୍ଷୟିତ୍ରୀ ଜଣକ ମାହାଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ପାଣି ମୋଟର ଚୋରି, ୭ ଅଟକ

**କଟକ ସଦର,୨୨।୧୧(ଡି.ଏନ୍.ଏ.):** ପାଣି ମଟର ଚୋରି ଅଭିଯୋଗରେ କନ୍ଦରପୁର ଥାନା ପୋଲିସ ଶୁକ୍ରବାର ୭ଜଣଙ୍କୁ ଅଟକ ରଖିଛି। ଏହା ସହ ୫୦ଟି ମଟରକୁ ଜବତ କରିଛି। ସୂଚନା ଅନୁଯାୟୀ, କନ୍ଦରପୁର, ପରମହଂସ, ହାଟସାହି, ପାରାବିଲ, କମରପଦା ଓ କିଶୋରନଗର ଅଞ୍ଚଳରୁ ଏହି ପାଣି ମୋଟର ଚୋରି ହୋଇଥିବା ଜଣାପଡିଛି।

### କେନ୍ଦ୍ରାଞ୍ଚଳ ଗୋଇନ୍ଦା ଅବକାରୀ ଅଧିକାରୀଙ୍କ ଚଢ଼ାଉ, ୨ଗିରଫ

**ବାଙ୍କୀ,୨୨।୧୧(ସ୍ୱ.ପ୍ର.):** କଟକ କେନ୍ଦ୍ରାଞ୍ଚଳ ଗୋଇନ୍ଦା ଅବକାରୀ ବିଭାଗ ଇନ୍ସପେକ୍ଟର ଜଗଦିଶ ଚନ୍ଦ୍ର ସାମଲ ଓ ଗେଲୁରାମ ସୋରେନ୍‌ଙ୍କ ନେତୃତ୍ୱରେ ବାଙ୍କୀ ବ୍ଲକର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅବାକାରୀ ଚଢ଼ାଉ ହୋଇଥିଲା। ଏହି ସମୟରେ ବେଆଇନଭାବେ ପାଉଚ ମଦ ଓ ବିଦେଶୀ ମଦ ରଖିବା ଅଭିଯୋଗରେ ୨ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମର ରାକେଶ କୁମାର ସାହୁ ଓ ବୈଦେଶ୍ୱର ଗ୍ରାମର କୈଳାସ ଚନ୍ଦ୍ର ଖଟୁଆ।

# ଟିକ୍‌ଟକ୍ ଭିଡିଓ ପାଇଁ ୨ ସୁରକ୍ଷା କର୍ମୀଙ୍କୁ ଆକ୍ରମଣ: ୫ ଗିରଫ

**କଟକ ଅଫିସ,୨୨।୧୧**

ଟିକ୍‌ଟକ୍ ଭିଡିଓ ପାଇଁ ୨ସୁରକ୍ଷା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଚାଉଳିଆଗଞ୍ଜ ଥାନା ପୋଲିସ ଶୁକ୍ରବାର ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଚାଉଳିଆଗଞ୍ଜ ଥାନା ବାଘମୁଣ୍ଡ ସାହିର ହରପିତ୍ ସିଂ(୨୨), ସଞ୍ଜୟ (୨୧), ବିଦ୍ୟାଧରପୁରର ଜଗଦୀଶ ପଣ୍ଡା (୨୦), ଗୋପବନ୍ଧୁନଗରର ବୁବୁ ଓ ରାଜା। ଏହି ଘଟଣାରେ ସମ୍ପୃକ୍ତ ଥିବା ଆଉ ୨ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଭଦିମୂଳ ଅଞ୍ଚଳ ବିଦ୍ୟାଧରପୁରରେ ଜାଇକା ପ୍ରକଳ୍ପର ଏକ କାର୍ଯ୍ୟାଳୟ ରହିଛି। ଏଠାରେ ଫଟୋ ଓ ଭିଡିଓ ଉତ୍ତୋଳନ ନେଇ ବାରଣ ରହିଛି। ତେବେ ଅଭିଯୁକ୍ତମାନେ ଗୁରୁବାର ଉକ୍ତ ସ୍ଥାନକୁ ଯାଇ ଫଟୋ ଉଠାଇବା ସହ ଟିକ୍‌ଟକ୍ ଭିଡିଓ କରୁଥିଲେ। ଏନେଇ ସେଠାରେ ସୁରକ୍ଷା କର୍ମୀ ଭାବେ ନିୟୋଜିତ ଥିବା ସରୋଜ କୁମାର ବେହେରା ସେମାନଙ୍କୁ ବାରଣ କରିଥିଲେ। ଅଭିଯୁକ୍ତମାନେ ତାଙ୍କ ସହ ପ୍ରଥମେ ବଚସା ପରେ ମାଡ ମାରିଥିଲେ। ଏଥିରେ ସରୋଜଙ୍କ ମୁଣ୍ଡ ଫାଟିଯାଇଥିଲା। ସରୋଜଙ୍କୁ ଅଭିଯୁକ୍ତମାନେ ମାଡ଼ ମାରୁଥିବା ଦେଖି ସୁରକ୍ଷା କର୍ମୀ ଅରୋଜ ଦାସ ଆସି ଅଟକାଇବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ ମାଡ ମାରିଥିଲେ। ଏଥିରେ ଅରୋଜଙ୍କ ହାତ ଭାଙ୍ଗି ଯାଇଥିଲା। ଏନେଇ ସରୋଜଙ୍କ ଅଭିଯୋଗକ୍ରମେ ଚାଉଳିଆଗଞ୍ଜ ପୋଲିସ ମାମଲା (ନଂ.୪୩୮/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

## ମୋବାଇଲ ଦୋକାନରୁ ଚୋରି: ୨ ଗିରଫ

**କଟକ ଅଫିସ, ୨୨।୧୧**



ଗିରଫ ୨ ଅଭିଯୁକ୍ତ।

ଚୋରି ଅଭିଯୋଗରେ ଜଗତ୍‌ପୁର ପୋଲିସ ୨ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଲାଲବାଗ ଥାନା ଅଞ୍ଚଳର ସୁରେଶ ମହାନ୍ତି ଓ ଅଜୟ ଦାସ।ପୋଲିସ ସେମାନଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ କରିଛି। ଅଭିଯୋଗ ଅନୁଯାୟୀ, ଜଗତ୍‌ପୁର ଛକ ନିକଟରେ ଜଣେ ବ୍ୟକ୍ତିଙ୍କର ଏକ ମୋବାଇଲ ଦୋକାନ ରହିଛି। ଗତ ୧୬ ତାରିଖରେ ଅଭିଯୁକ୍ତ ଦ୍ୱୟ ଉକ୍ତ ଦୋକାନର ସଟର ତାଡି ଲକ୍ଷାଧିକ ଟଙ୍କାର ମୋବାଇଲ ଫୋନ ଓ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୮୧/୧୯) ରୁଜୁ କରିଥିଲା।





ଫନୀ କ୍ଷୟକ୍ଷତିର ନିରପେକ୍ଷ ତଦନ୍ତ ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ ସଦର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ଏସ୍‌ୟୁସିଆଇ(ସି)ର ବ୍ଲକ ଅଫିସ ଆଗରେ ବିକ୍ଷୋଭ

**କଟକ ସଦର,୨୨।୧୧(ଡି.ଏନ୍.ଏ.)**

ବାତ୍ୟା 'ଫନୀ'ରେ କ୍ଷୟକ୍ଷତି ହୋଇଥିବା ଘର, ଗୁହାଳ ଓ ପାଇଖାନାର ପୁନର୍ବାର ନିରପେକ୍ଷ ତଦନ୍ତ ଦାବିରେ ଏସ୍‌ୟୁସିଆଇ(ସି) ପକ୍ଷରୁ ଶୁକ୍ରବାର କଟକ ସଦର ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତଦନ୍ତରେ ହେରଫେର କରିଥିବା କର୍ମଚାରୀଙ୍କ ବିରୋଦ୍ଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜକିଶୋର ମଲ୍ଲିକ, ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ଭାଗିରଥୀ ଭୋଇ, ମାନ ଗୋବିନ୍ଦ ପଣ୍ଡା ପ୍ରମୁଖ ଦାବି କରିଥିଲେ। ଏହି ଅବସରରରେ ବିଡିଓ ଦେବାଶିଷ ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ମିଲରଙ୍କଠାରୁ ଚାଉଳ ସଂଗ୍ରହରେ ମନମୁଖି କାର୍ଯ୍ୟ

## ତଦନ୍ତ ନିର୍ଦ୍ଦେଶ ଦେଲେ ସିସିଆଇ

**କଟକ ଅଫିସ,୨୨।୧୧**

ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ମନମୁଖି କାର୍ଯ୍ୟର ତଦନ୍ତ ପାଇଁ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ଏହାର ଡାଇରେକ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ କମିଶନ ଉଭୟ ବିଭାଗ ଏବଂ ନିଗମକୁ ନୋଟିସ କରିଛନ୍ତି।

୨୦୧୫ ରୁ ୨୦୧୯ ପର୍ଯ୍ୟନ୍ତ ଖରିଫ ଏବଂ ରବି ଋତୁରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଚାଷୀମାନଙ୍କଠାରୁ ଧାନ କ୍ରୟ ଏହାକୁ ପ୍ରୋସେସିଂ ଓ ମହଜୁଦ୍ ରଖିବା ନିମନ୍ତେ ମିଲରମାନଙ୍କୁ ନିଯୁକ୍ତ କରିଥିଲା। ପରବର୍ତ୍ତୀ ସମୟରେ ମିଲରମାନେ ନେଇଥିବା ଧାନକୁ ଚାଉଳ କରି ଫେରସ୍ତ ଦେବା କଥା। ମାତ୍ର ନିଗମ ମିଲରମାନଙ୍କଠାରୁ ଖାମଖିଆଲି ଭାବେ ଚାଉଳ ସଂଗ୍ରହ କରିଥିଲା। ଯେଉଁ ମିଲରଙ୍କଠାରୁ ଯେତିକି ଚାଉଳ ଉଠାଇବା କଥା ନିଗମ ସେତିକି ଚାଉଳ ଉଠାଇ ନ ଥିଲା। ଫଳରେ ଅନେକ ମିଲର ଷ୍ଟୋରେଜ ଏବଂ ପ୍ରୋସେସିଂ ବାବଦରେ କ୍ଷତି ସହିଥିଲେ। ଏହା ପରବର୍ଷ ଧାନ କ୍ରୟ ସମୟରେ ଅନେକ ମିଲରଙ୍କୁ ପୂର୍ବ ବର୍ଷର ଚାଉଳ ଦେଇ ନ ଥିବାରୁ ସେମାନଙ୍କୁ ଖିଲାପି ଦର୍ଶାଇ ଆଉ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇ ନ ଥିଲା। ଚାଉଳ ନେବା ପରେ ନିଗମ ମିଲରମାନଙ୍କୁ ଠିକ୍ ସମୟରେ ଟଙ୍କା ପ୍ରଦାନ କରି ନ ଥିଲା। ଅନ୍ୟପକ୍ଷରେ ମିଲରମାନଙ୍କ ପାଖରେ ଗଚ୍ଛିତ ଧାନ ଓ ଚାଉଳର ବୀମା ନିଗମ ପକ୍ଷରୁ କରାଯାଉଥିବାବେଳେ ଏହାର ପ୍ରିମିୟମ ଅର୍ଥ ମିଲରମାନଙ୍କଠାରୁ ଆଦାୟ କରାଯାଉଛି। ହେଲେ ମିଲରମାନଙ୍କ କ୍ଷତି ଘଟିଲେ ଠିକ୍ ଭାବେ ଭରଣା କରାଯାଉ ନ ଥିବା ଅଭିଯୋଗ ହୋଇଛି। ସମ୍ବଲପୁରର ମା' ମେଟକାନୀ ରାଇସ୍ ମିଲ ଉପରୋକ୍ତ ସମସ୍ୟାର ସମ୍ମୁଖୀନ ହୋଇଥିବାବେଳେ ନ୍ୟାୟ ପାଇଁ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆଙ୍କ ଦ୍ୱାରସ୍ଥ ହୋଇଥିଲା। ଅଭିଯୋଗକାରୀଙ୍କ ତରଫରୁ ଆଇନଜୀବୀ ପ୍ରଭୁପ୍ରସନ୍ନ ବେହେରା ଏବଂ ଅଭିଷେକ ଚୌଧୁରୀ ଏହି ମାମଲା ରୁଜୁ କରିଥିଲେ। ମାମଲାକୁ ଗମ୍ଭୀରତାର ଗହଣ କରି କମିଶନ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ଲୁଟ ଘଟଣାରେ ୫ ବଞ୍ଜାରା ଗିରଫ

**କଟକ ଅଫିସ,୨୨।୧୧**

ଲୁଟ୍ ଅଭିଯୋଗରେ ମାଲଗୋଦାମ ଥାନା ପୋଲିସ ଶୁକ୍ରବାର ୫ଜଣ ବଞ୍ଜାରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ଆନ୍ଧ୍ରପ୍ରଦେଶର ଗୁଜରତ ବିର୍ଜୁ(୩୮), ରାଣା ଶିବ (୨୭), ଜି ଗୌତମ(୨୭), ଗୁଜରତ ଅନସିଲା(୩୦), ମୁଦ୍ ଭୂମିଲି (୩୦)। ସୂଚନା ଅନୁଯାୟୀ, ଗତ ୩ଦିନ ପୂର୍ବେ ଝାଞ୍ଜିରିମଙ୍ଗଳା ଅଞ୍ଚଳର ମୃତ୍ୟୁଞ୍ଜୟ ବର୍ଦ୍ଧନ ତାଙ୍କ ପରିବାର ସହ ବାଲିଯାତ୍ରାରୁ ଫେରୁଥିଲେ। ଜୋବ୍ରା ମାଛବଜାର ନିକଟରେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ତାଙ୍କ ନିକଟରୁ ୪ହଜାର ଟଙ୍କା ଓ ଏକ ମୋବାଇଲ ଫୋନ ଲୁଟିନେଇଥିଲେ। ଏ ନେଇ ମୃତ୍ୟୁଞ୍ଜୟ ମାଲଗୋଦାମ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ. ୨୩୬/୧୯)ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତମାନେ ବାଲିଯାତ୍ରା ପାଇଁ ରାଜ୍ୟ ବାହାରୁ ଆସିଛନ୍ତି। ବଞ୍ଜାରା ଭଳି ଏଣେତେଣେ ବୁଲିବା ସହ ଚୋରି ଓ ଲୁଟ୍ ଘଟଣା ଘଟାଉଛନ୍ତି ବୋଲି ମାଲଗୋଦାମ ଥାନା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ନଖରା ଅଷ୍ଟମୀ ଯାତ୍ରା ଉଦ୍‌ଯାପିତ

**ଚୌଦ୍ୱାର,୨୨।୧୧(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶାଳଗାଁ ଓ ନଖରା ପଞ୍ଚାୟତର ହାଟ ପଡ଼ିଆରେ ୩ଦିନ ଧରି ଚାଲିଥିବା ପ୍ରସିଦ୍ଧ ଅଷ୍ଟମୀ ଯାତ୍ରା ଓ କାର୍ତ୍ତିକେଶ୍ୱର ଭସାଣ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଭୟ ପଞ୍ଚାୟତର ବିଭିନ୍ନ ସାହିରେ ନିର୍ମାଣ କରାଯାଇଥିବା କାର୍ତ୍ତିକେଶ୍ୱର, ହର ପାର୍ବତୀ, ମହାଦେବ,ଲକ୍ଷ୍ମୀ, ବରାହ, ନୃସିଂହ, ହନୁମାନ ଆଦି ମୂର୍ତ୍ତିଗୁଡ଼ିକ ଗତ ଅଷ୍ଟମୀଠାରୁ ପୂଜାହେବା ସହିତ ଉତ୍ସବ ଆରମ୍ଭ ହୋଇଥିଲା। ଗୁରୁବାର ମୂର୍ତ୍ତିଗୁଡ଼ିକ ଶୋଭାଯାତ୍ରାରେ ସାହି ପରିକ୍ରମା କରିବା ସହିତ ନଖରା ହାଟସ୍ଥିତ ଯାତ୍ରା ପଡ଼ିଆରେ ପହଞ୍ଚି ମେଲଣ କରିଥିଲେ। ଶୁକ୍ରବାର ଅପରାହ୍ନରେ ଯାତ୍ରା କମିଟି ନିକଟରୁ ଛନ୍ଦା ଭୋଗ ଓ ଭସାଣ ଟିକେଟ ନେଇ ଶୋଭାଯାତ୍ରାରେ ଯାଇ ନଖରା ହାଟୁଆ ପୋଖରୀରେ ବିସର୍ଜିତ ହୋଇଥିଲେ। ଚାଂଚୋ ଓ କୁଜିବର ମୂର୍ତ୍ତି ମେଲଣ ସାରି ନିଜ ଗ୍ରାମ ପୋଖରୀରେ ବିସର୍ଜିତ ହୋଇଥିଲେ। ଶାନ୍ତିଶଙ୍ଖଳା ରକ୍ଷା ପାଇଁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଟ୍ରକରୁ ଖସିପଡ଼ି ଚାଳକ ମୃତ

**ଖୁଣ୍ଟୁଣୀ,୨୨।୧୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଥାନା ଅଞ୍ଚଳରେ ଥିବା ଏକ ପାୱାର ପ୍ଲାଣ୍ଟ ପରିସରରେ ଶୁକ୍ରବାର ଟ୍ରକରୁ ଖସିପଡ଼ି ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଆଠଗଡ଼ ଥାନା ହେମମାଳପୁର ଗ୍ରାମର କୁଞ୍ଜ ବିହାରୀ ଦଳେଇ। ସୂଚନା ଅନୁଯାୟୀ, କୁଞ୍ଜ ଖୁଣ୍ଟୁଣୀ ର୍‍ୟାକ ସାଇଡରୁ ଭୁବନେଶ୍ୱର ପାୱାର ପ୍ଲାଣ୍ଟକୁ କୋଇଲା ନେଇ ଟ୍ରକରେ ଯାଇଥିଲେ। କାରଖାନା ପରିସରରେ ଟ୍ରକ ଉପରେ ଚଢ଼ି ପାଲ ଖୋଲିବା ପରେ ତଳକୁ ଓହ୍ଲାଉଥିବା ବେଳେ ହଠାତ୍ ତଳକୁ ଖସି ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ

**ଖୁଣ୍ଟୁଣୀ,୨୨।୧୧(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଓରନ୍ଦା ପଞ୍ଚାୟତ ଅଧୀନ ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ ମା' ବନଦୁର୍ଗାଙ୍କ ନୂତନ ମନ୍ଦିରର ରତ୍ନମୁଦ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଗ୍ରାମର ମୁରବୀ କୈଳାସ ଚନ୍ଦ୍ର ମିଶ୍ର, ରମେଶ ଚନ୍ଦ୍ର ମିଶ୍ର, ଉମେଶ ମିଶ୍ର, ଗ୍ରାମ ସଭାପତି ଜ୍ଞାନରଞ୍ଜନ ପଟ୍ଟନାୟକ, ସୁବାସ ମହାନ୍ତି, ସୁରେଶ ଚନ୍ଦ୍ର ବିଶ୍ୱାଳ, ସନ୍ତୋଷ କାଳିଆ ଓ ଜିଲା ପରିଷଦ ସଭ୍ୟ କେଶବ ଚନ୍ଦ୍ର ଦଳେଇ ପ୍ରମୁଖ ଆୟୋଜନ କରିଥିଲେ। ମନ୍ଦିର ପୂଜକ ଅଶୋକ ମିଶ୍ର ଓ ରବି ମହାରଣା ପ୍ରମୁଖ ସହଯୋଗ କରିଥିଲେ।

## ଚୌଦ୍ୱାର ଆଞ୍ଚଳିକ ଠିକାଦାର ସଂଘର ସମ୍ମିଳନୀ

**ଚୌଦ୍ୱାର,୨୨।୧୧(ଡି.ଏନ୍.ଏ.)**

ଚଳିତ ମାସ ୨୫ତାରିଖରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ୧୦ଦଫା ଦାବି ନେଇ ଆନ୍ଦୋଳନ ଡାକରା ଦେଇଛି ନିଖିଳ ଓଡ଼ିଶା ଠିକାଦାର ମହାସଂଘ। ଏହି ପରିପ୍ରେକ୍ଷୀରେ ଟାଙ୍ଗୀ, ଚୌଦ୍ୱାର ଓ ଜଗତପୁରର ଠିକାଦାରଙ୍କୁ ନେଇ ଗଠିତ ଆଞ୍ଚଳିକ ଠିକାଦାର ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ସ୍ଥାନୀୟ ଚୌଦ୍ୱାର ଯାତ୍ରା ପଡ଼ିଆସ୍ଥିତ ରାଜଦୋଳ ସମିତି ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ଉପଦେଷ୍ଟା ଲାଲମୋହନ ପରିଡା ଅଧ୍ୟକ୍ଷତା କରି ଆନ୍ଦୋଳନର ଆଭିମୁଖ୍ୟ ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବନିର୍ବାଚିତ ସଭାପତି ସୁଶାନ୍ତ ଦଳେଇ, ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପଣ୍ଡା, କୋଷାଧ୍ୟକ୍ଷ ମନୋଜ ବିଶୋୟୀ, ଅନ୍ୟତମ ଉପଦେଷ୍ଟା ତୀର୍ଥାନନ୍ଦ ସୁବୁଦ୍ଧିରାୟ, ସୁବାସ ଚନ୍ଦ୍ର ପ୍ରଧାନ, ଅଶୋକ ସାମଲ, ବିମଳ ବେଉରା, ପ୍ରଭାତ ବେଉରା ପ୍ରମୁଖ ଯୋଗଦେଇ ୨୫ରେ ହେବାକୁ ଥିବା ଆନ୍ଦୋଳନକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅଜିତ୍ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ମଙ୍ଗରାଜ ବେହେରା ଧନ୍ୟବାଦ ଦେଇଥିଲେ।

## କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଉଦ୍‌ଯାପିତ

**ଖୁଣ୍ଟୁଣୀ,୨୨।୧୧(ଡି.ଏନ୍.ଏ.)**

ଗତ କାର୍ତ୍ତିକ ପୂର୍ଣ୍ଣିମାରେ ଆରମ୍ଭ ହୋଇଥିବା ଖୁଣ୍ଟୁଣୀର କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଚଳିତବର୍ଷ ୧୯ଟି ମେଢ ଶୋଭାଯାତ୍ରାରେ ବାହାରି ଦୁର୍ଗା ବଜାର, ନୂଆ ବଜାର, ଶାନ୍ତି ବଜାର, ଦେଇ ସାହି ଭିତରକୁ ପ୍ରବେଶ କରିଥିଲା। ଏହା ପରେ ବଡ଼ଜୋରା ନାଳ ଓ ଦଣ୍ଡ ଫୁଙ୍କାରରେ ମୂର୍ତ୍ତିଗୁଡିକୁ ବିସର୍ଜିତ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଖୁଣ୍ଟୁଣୀ ଥାନା ଏସ୍‌ଆଇ ନିରଞ୍ଜନ ସାହୁ, ଶକୁନ୍ତଳା ଦାସଙ୍କ ସମେତ ୧ପ୍ଲାଟୁନ ଫୋର୍ସ ନିୟୋଜିତ ହୋଇଥିଲେ।

**ଭସାଣି ବେଳେ କମିଟି ସଦସ୍ୟଙ୍କୁ ଆକ୍ରମଣ**

ଭସାଣି ସମୟରେ ମହାଦେବ ସାହିର କମିଟି ସଦସ୍ୟ ଶୁଭେନ୍ଦୁ ସାହୁଙ୍କୁ ଫାର୍ସାରେ ଜଣେ ଯୁବକ ଆକ୍ରମଣ କରିଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୁଣ୍ଟୁଣୀ ସରକାରୀ ଚିକିତ୍ସାଳୟ ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କମିଟି ପକ୍ଷରୁ ଥାନାରେ ଲିଖିତ ଅଗତଯୋଗ ହୋଇଛି।



ଭସାଣି ଶୋଭାଯାତ୍ରା।

### ସାଇଲୋ-ସାଇବିରି ବାଲିଯାତ୍ରା ଉଦ୍‌ଯାପିତ

**କଣ୍ଟାପଡ଼ା,୨୨।୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ସାଇଲୋ ଖାରପଡା ପଞ୍ଚାୟତ ଦେବୀନଦୀର ତ୍ରିବେଣୀ ଘାଟଠାରେ ଗତ ୧୨ ତାରିଖଠାରୁ ଚାଲିଥିବା ଅଷ୍ଟମ ବାର୍ଷିକ ବାଲିଯାତ୍ରା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୮ ଦିନ ଧରି ଚାଲିଥିବା ଏହି ବାଲିଯାତ୍ରାର ପ୍ରତ୍ୟକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। ସେହିପରି ୧୮ ଓ ୧୯ତାରିଖରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ ଅଭିଶାପ ଓ ବନ୍ଧୁବାନ୍ଧିଛି ମୁଁ ଲୁହ ସାଥିରେ ଦର୍ଶକଙ୍କୁ ମନ ଛୁଇଁଥିଲା। ବୁଧିବାର ବାଲିଯାତ୍ରା କମିଟିର ସଭାପତି ସନାତନ ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ କଣ୍ଟାପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ସ୍ମିତାରାଣୀ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ଉପାଧ୍ୟକ୍ଷ ସୁଦର୍ଶନ ରାଉତରାୟ, ସରପଞ୍ଚ ସୁବାସ ବିଶ୍ୱାଳ, ସମିତି ସଦସ୍ୟା ପ୍ରଗତୀ ଦଳବେହେରା, ଆମ୍ବା ଅଧ୍ୟକ୍ଷ ନକୁଳ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଆବାହକ ଡା.ବ୍ରଜନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ।





ଦେଶରେ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥା ଓ ଦର ବୃଦ୍ଧିର ତୁରନ୍ତ ସୁଧାର ଦାବିରେ କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ ଅଫିସ ନିକଟରେ ଗଣଧାରଣା ଦିଆଯାଇଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା

**କଟକ ଅଫିସ, ୨୨।୧୧**

କେନ୍ଦ୍ର ସରକାରଙ୍କ ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ଜନ ବିରୋଧୀ କାର୍ଯ୍ୟ ଫଳରେ ଦେଶରେ ସୃଷ୍ଟି ହୋଇଥିବା ଆର୍ଥିକ ମାନ୍ଦାବସ୍ଥା ଏବଂ ଆକାଶ ଛୁଆଁ ଦର ବୃଦ୍ଧିରେ ତୁରନ୍ତ ସୁଧାର ଆଣିବା ଦାବି ନେଇ ଶୁକ୍ରବାର କଟକ ନଗର କଂଗ୍ରେସ କମିଟି, କଟକ ଜିଲା କଂଗ୍ରେସ କମିଟି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିଧାୟକ ଇଂ. ମହମ୍ମଦ ମୋକିମ ଓ କଟକ ଜିଲା ସଭାପତି ଗୁରୁପଦ ନନ୍ଦଙ୍କ ନେତୃତ୍ୱରେ ଏହି ଗଣଧାରଣା ଏବଂ ବିକ୍ଷୋଭ ହୋଇଥିଲା। ଦେଶରେ ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ନାହିଁ, ବହୁ ସଂଖ୍ୟାରେ ଶ୍ରମିକ କର୍ମଚାରୀ ଛଟେଇ ସାଙ୍ଗକୁ ବେକାରୀ ବୃଦ୍ଧି ପାଉଛି, ଶିକ୍ଷାନୁଷ୍ଠାନଗୁଡ଼ିକରେ ଅସ୍ଥିରତା ସୃଷ୍ଟି କରାଯାଉଛି, ଦରଦାମରେ ନିୟନ୍ତ୍ରଣ ରହୁନାହିଁ, ବିଦେଶୀ ପୁଞ୍ଜି ଲଗାଣକାରୀ ସଂସ୍ଥାମାନେ ଭାରତୀୟ ଅର୍ଥନୀତି ଉପରେ ଭରସା ରଖି ପାରୁ ନ ଥିବାରୁ ଦେଶର ଅଭିବୃଦ୍ଧି ଆଦୌ ନାହିଁ ବୋଲି ବିଧାୟକ ମୋକିମ କହିଥିଲେ। ଏଥିରେ କଟକ ନଗର ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଶୈଳବାଳା ଜେନା, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଗିରିବାଳା ବେହେରା, ଅଶୋକ ସାମଲ, ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ରବି ମଲ୍ଲିକ, ରବୀନ୍ଦ୍ର କର, କାଶୀନାଥ ମଲ୍ଲିକ, ପ୍ରଦୀପ ପ୍ରଧାନ ଯୋଗଦେଇ ଆର୍ଥିକ ମାନ୍ଦାବସ୍ଥାକୁ ନେଇ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଥିଲେ। ଏଥିସହ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ।



ଅଧ୍ୟବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।

- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ଦୋକାନ ଭିତରେ ବ୍ୟବସାୟୀଙ୍କ ଆତ୍ମହତ୍ୟା

**ପାତ୍ରପଡା,୨୩।୧୧(ଡି.ଏନ.ଏ):** ତମାଣ୍ଡୋ ଥାନା ଅଧୀନ ସ୍ଥାନୀୟ ବଜାର ଅଞ୍ଚଳରେ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟବସାୟୀ ଦୋକାନରେ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ କଳିଙ୍ଗନଗର କେ-୫ ଅଞ୍ଚଳରେ ରହୁଥିବା ଘନଶ୍ୟାମ ପାଣ୍ଡେ(୪୨)। ପୋଲିସ ସୂଚନା ମୁତାବକ ଘନଶ୍ୟାମ କିଛିଦିନ ହେଲା ତମାଣ୍ଡୋ ବଜାରରେ ଏକ ଜେରକ୍ସ ଦୋକାନ ଖୋଲିଥିଲେ। ଶୁକ୍ରବାର ସକାଳୁ ୯ଟାରେ ସେ ନିଜ ବାଇକ ଦୋକାନ ସମ୍ମୁଖରେ ରଖି ଦୋକାନ ଶଟର ଖୋଲି ଥିବା ବେଳେ ଅପରାହ୍ନରେ ସେ ଶଟର ଭିତରପଟୁ ବନ୍ଦ ରଖି ଫ୍ୟାନ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ପରିବାର ପକ୍ଷରୁ ତାଙ୍କ ମୋବାଇଲକୁ ଯୋଗାଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ନ ମିଳିବାରୁ ପରିବାର ଲୋକେ ଦୋକାନକୁ ଆସି ଶଟର ଟେକି ଘଟଣା ସମ୍ପର୍କରେ ଜାଣି ପୋଲିସକୁ ଖବର ଦେଇଥିଲେ। ପୋଲିସ ୧୯/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ କରି ଏମ୍ସ ମେଡିକାଲରେ ସଂରକ୍ଷିତ ରଖିଛି।

### ମହିଳାଙ୍କ ମୃତ୍ୟୁକୁ ନେଇ ଅଭିଯୋଗ, ସ୍ୱାମୀ ଗିରଫ

**ପାତ୍ରପଡା,୨୨।୧୧(ଡି.ଏନ.ଏ):** ଖଣ୍ଡଗିରି ଥାନା ଜଗନ୍ନାଥ ବିହାର ଅଞ୍ଚଳରେ ରହୁଥିବା ଜଣେ ମହିଳା ଗତ ୧୦ ତାରିଖରେ ଆତ୍ମହତ୍ୟା କରିଥିବା ବେଳେ ମୃତକଙ୍କ ଭାଇ ସୁଧୀର ତାଙ୍କ ଭଉଣୀଙ୍କୁ ଚାପ ପ୍ରୟୋଗ କରିବା ସହ ନିର୍ଯାତନା ଦେଉଥିବା କାରଣରୁ ଏଭଳି ଘଟଣାକୁ ସନ୍ଦେହ କରି ମୃତ ଅନୀତାଙ୍କ ସ୍ୱାମୀ ଭାଗ୍ୟଧର ପରିଡାଙ୍କ ବିରୋଧରେ ଅଭିଯୋଗ ଆଣିଥିଲେ। ଏ ନେଇ ନଂ. ୬୫୨/୧୯ରେ ମାମଲା ରୁଜୁ କରି ଭାଗ୍ୟଧରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

### କାର୍ଯ୍ୟରେ ଯୋଗ ଦେଲେ ଉପଜିଲାପାଳ

**ଖୋର୍ଦ୍ଧା ଅଫିସ,୨୨।୧୧:** ଖୋର୍ଦ୍ଧା ଉପଜିଲାପାଳ ଭାବେ ଶାନ୍ତନୁ ମହାନ୍ତି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସରୋଜ ସାହୁଙ୍କର ବଦଳି ପରେ ଉପଜିଲାପାଳ ପଦବୀ ଖାଲି ପଡିଥିଲା। ଖୋର୍ଦ୍ଧା ତହସିଲଦାର ଶୁଭେନ୍ଦ୍ର ସାମଲ ଅତିରିକ୍ତ ଦାୟିତ୍ୱରେ ଥିଲେ। ଶାନ୍ତନୁ ମହାନ୍ତିଙ୍କୁ ଶୁକ୍ରବାର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ଖୋର୍ଦ୍ଧାର ଖଣି ଖାଦାନ ଉପରେ ଏସ୍‌ଟିଏଫର ଚଢ଼ାଉ ଜାରି ଥିବାବେଳେ

### କ୍ଷୟକ୍ଷତି ତାଲିକାରେ ନାଁ ଥାଇ ମିଳିଲାନି ସହାୟତା
### ତହସିଲଦାରଙ୍କୁ ଫନୀ ବିପନ୍ନଙ୍କ ଫେରାଦ

**ଖୋର୍ଦ୍ଧା ଅଫିସ,୨୨।୧୧:** ଫନୀ ଯିବାର ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ବିତି ଗଲାଣି। ହେଲେ ବିପନ୍ନମାନେ ସହାୟତା ରାଶି ପାଉନାହାନ୍ତି। କ୍ଷୟକ୍ଷତି ତାଲିକାରେ ନାଁ ଥାଇ ସହାୟତା ରାଶି ମିଳିବାରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ଅଙ୍ଗାରପଡା ପଞ୍ଚାୟତ ମଧୁପୁର ଗାଁଲୋକ ଜଟଣୀ ତହସିଲଦାରଙ୍କୁ ଗୁରୁବାର ଫେରାଦ୍ ହୋଇଛନ୍ତି। ବିପନ୍ନମାନେ ୭ରୁ ୮ ଥର ଦେଖା କରି ସାରିଥିଲେ ମଧ ସୁଫଳ ମିଳି ନ ଥିବା ଅଭିଯୋଗ ରହିଛି।

## ■ ରାତିରେ ରୋଗୀ ଦେଖୁନାହାନ୍ତି ଡାକ୍ତର
# ପ୍ରତିବାଦ କରି ରେଫର ହେଲେ ରୋଗୀ

**ଖୋର୍ଦ୍ଧା ଅଫିସ,୨୨।୧୧:** ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ ୱାର୍ଡରେ ରାତିରେ ରୋଗୀଙ୍କୁ ଦେଖୁନାହାନ୍ତି ଡାକ୍ତର। ପ୍ରାୟ ୫ଦିନ ହେଲା ଏପରି ଅସୁବିଧା ହୋଇଥିବା ଅଭିଯୋଗ ହେଉଛି। ପୂର୍ବାହ୍ନରେ ଓ ଅପରାହ୍ନରେ ଡ୍ୟୁଟି କରି ଡାକ୍ତର ଚାଲି ଯାଉଛନ୍ତି। ରୋଗ ବଢ଼ିଲେ ଡାକ୍ତର ନ ଥିବାରୁ ରୋଗୀ ହଟହଟା ହେଉଛନ୍ତି। ରାତିରେ ଡାକ୍ତରଙ୍କୁ ଦେଖା କରିବା ନେଇ କହିଲେ ଉତ୍ତର ମିଳୁଛି ଅପେକ୍ଷା କରନ୍ତୁ ପୂର୍ବାହ୍ନରେ ଡାକ୍ତର ଆସିବେ। ଅଭିଯୋଗ କଲେ ରେଫର କରିବାକୁ କହୁଛନ୍ତି। ଏପରି କି ସଙ୍ଗେ ସଙ୍ଗେ ରେଫର କରି ଦେଉଛନ୍ତି। ସେବା ନ ମିଳିବାର ପ୍ରତିବାଦ କରି ଶୁକ୍ରବାର ଜଣେ ରୋଗୀ ରେଫର ହୋଇଛନ୍ତି। କର୍ମଚାରୀଙ୍କ ପରାମର୍ଶକୁ ରୋଗୀଙ୍କ ସମ୍ପର୍କୀୟ ମାନି ନେଇ ଭୁବନେଶ୍ୱର ଚାଲି ଯାଇଛନ୍ତି। ଏ ନେଇ ଗଡମାଣତୀର ଗାଁର ଜଗବନ୍ଧୁ ରାଉତରାୟ କୁହନ୍ତି, ମୋର ବାପା ହରିବନ୍ଧୁ ଜଣେ ଶ୍ୱାସ ରୋଗୀ। ଭଲ ସେବା ପାଇବା ପାଇଁ ବାପାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଶୁକ୍ରବାର ପୂର୍ବାହ୍ନରେ ଭର୍ତ୍ତି କରିଥିଲି। ପୂର୍ବାହ୍ନ ଓ ଅପରାହ୍ନରେ ଡାକ୍ତର ରାଉଣ୍ଡ କରି ଚାଲିଗଲେ। ଡାକ୍ତର ଯିବାର କିଛି ସମୟ ପରେ ବାପାଙ୍କର ଦେହ ଅସୁସ୍ଥ ହେଲା। ଡାକ୍ତରଙ୍କୁ ଦେଖା କରିବାକୁ କହିଥିଲି। ହେଲେ ନିୟୋଜିତ କର୍ମଚାରୀ ଡାକ୍ତରଙ୍କ ସହ ଶୁକ୍ରବାର ଆଉ ଦେଖା ହୋଇପାରିବ ନାହିଁ ବୋଲି କହିଥିଲେ। ରୋଗୀର ଅସୁସ୍ଥତା ବଢ଼ି ଚାଲିବା କହିବା ପରେ ଡାକ୍ତରଙ୍କୁ ଦେଖା କରିବାର ବ୍ୟବସ୍ଥା ନ କରି ଭୁବନେଶ୍ୱର ୬ନଂ.କୁ ରେଫର କରିଦେଲେ। କହିଲେ ଭୁବନେଶ୍ୱରରେ ଭଲ ସେବା ମିଳିବ। ଏଣୁ ମୁଁ ବାପାଙ୍କୁ ବାଧ୍ୟ ହୋଇ ଭୁବନେଶ୍ୱର ନେଇ ଯାଉଛି। ଅତ୍ରି ଗାଁର ପ୍ରେମଲତା ମହାନ୍ତି କୁହନ୍ତି, ୬ ଦିନ ହେଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛି। କିଛି ଅସୁବିଧା ହେଲେ ରାତିରେ ଡାକ୍ତରଙ୍କୁ ଖୋଜିଲେ ସେବା ମିଳୁନି। ନର୍ସ କହୁଛନ୍ତି ରାତିରେ ଆମେ ଅଛୁ। ଡାକ୍ତର କ'ଣ କରିବେ। ଡାକ୍ତରଙ୍କୁ ସକାଳ ଓ ଅପରାହ୍ନ ରାଉଣ୍ଡରେ ଦେଖାଇବେ। ଯଦି ଡାକ୍ତରଙ୍କୁ ନିହାତି ଦେଖାଇବାର ଅଛି ତେବେ ରେଫର ହୋଇଯାଅ। ରେଫର କାଗଜପତ୍ର ଆମେ ତୁରନ୍ତ କରି ଆପଣଙ୍କୁ ଦେଇ ଦେବୁ। ନୟାଗଡ ଫତେଗଡ ଗାଁର ଉର୍ମିଳା ରାଉତ କୁହନ୍ତି, ମୋର ଜଣେ ସମ୍ପର୍କୀୟ କିଛିଦିନ ତଳେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟର ମେଡିସିନ୍ ୱାର୍ଡରେ ଥିଲେ। ହେଲେ ସେଠାର ନର୍ସଙ୍କର ବ୍ୟବହାର ଭାରି ଖରାପ। ଟିକିଏ କଥାରେ ରେଫର କରିବାକୁ ଧମକ ଦେଉଛନ୍ତି। ଭାଗ୍ୟକୁ ଆଦରି ପଡି ରହିଲେ ଏଠାର ନର୍ସ ଓ ଡାକ୍ତର ଭଲ। ସେବା ଠିକ୍‌ରେ ମିଳୁନି କହିଲେ ରେଫର ହୋଇଯାଅ ବିରକ୍ତିରେ ଶୁଣିବାକୁ ମିଳୁଛି।



ରେଫର ହୋଇଥିବା ରୋଗୀ ହରିବନ୍ଧୁ।

# ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ

**ବୋଲଗଡ,୨୨।୧୧(ଡି.ଏନ.ଏ.)** ବୋଲଗଡ ଥାନା ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ ରାଜସୁନାଖଳା ବଜାର ନିକଟରେ ଥିବା ଏକ ଘରେ ଜଣେ ଯୁବକଙ୍କର ସନ୍ଦେହ ଜନକ ଭାବେ ଶୁକ୍ରବାର ମୃତ୍ୟୁ ଘଟିଛି। ସେ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଫାଶି ଦେଇ ଆତ୍ମହତ୍ୟା କରିଥିବା କୁହାଯାଉଛି। ମୃତ ଯୁବକ ହେଲେ ସାଲେପୁର ଥାନା ଅଞ୍ଚଳର ମାନସ ମଲ୍ଲିକ (୩୦)। ବାଙ୍କୋଇ ଫାଣ୍ଡି ଅଧିକାରୀ ଶ୍ରୀକାନ୍ତ ପଣ୍ଡାଙ୍କ ଠାରୁ ମିଳିଥିବା ସୂଚନା ଅନୁଯାୟୀ,ରାଜସୁନାଖଳା ନିକଟବର୍ତ୍ତୀ ଅଞ୍ଚଳରେ ୫୭ନଂ ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟକରୁଥିବା ଏଆରଏସଏସ କମ୍ପାନୀରେ ମାନସ ସ୍ଲାବ ଅପରେଟର ଭାବେ କାର୍ଯ୍ୟ କରୁଥିଲେ। ମାନସ ରାଜସୁନାଖଳା ବଜାର ନିକଟରେ ରହୁଥିବା ଘରେ ଫାଶି ଦେଇଥିବା ଦେଖି ଅନ୍ୟମାନେ ଉଦ୍ଧାର କରି ରାଜସୁନାଖଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବାଙ୍କୋଇ ଫାଣ୍ଡି ପୋଲିସ ରାଜସୁନାଖଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ମାନସଙ୍କ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏ ସଂକ୍ରାନ୍ତରେ ବୋଲଗଡ ଥାନାରେ ୭/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଖୋର୍ଦ୍ଧା ଲୋକ ଉତ୍ସବରେ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ।

## ■ ଖୋର୍ଦ୍ଧା ଲୋକ ଉତ୍ସବର ତୃତୀୟ ସନ୍ଧ୍ୟା
# ନୃତ୍ୟାଭିନୟରେ ଷଡ଼ରିପୁଙ୍କ ଉପଦେଶ

**ଖୋର୍ଦ୍ଧା ଅଫିସ,୨୨।୧୧:** ଗୁରୁଜଙ୍ଗ ଖେଳ ପଡିଆରେ ଚାଲିଛି ଖୋର୍ଦ୍ଧା ଜିଲା ଲୋକ ଉତ୍ସବ। ଏହାର ତୃତୀୟ ସନ୍ଧ୍ୟାରେ ନୃତ୍ୟାଭିନୟରେ ଷଡରିପୁଙ୍କ ଉପଦେଶ ଦର୍ଶକଙ୍କୁ ବିମୋହିତ କରିଛି। ଯାହୁ ଅନୁଷ୍ଠାନ ପକ୍ଷରୁ ପୁରୁଣା ଚଳଚ୍ଚିତ୍ରର ସଙ୍ଗୀତ ଶୁଣିବାକୁ ମିଳିଥିଲା। ପରେ ମଞ୍ଚରେ ଛଉ ନୃତ୍ୟରେ ଦେଖିବାକୁ ମିଳିଥିଲା ରାମାୟଣର ତାଡକା ଅସୁରୁଣୀ ବଧ। ପଶ୍ଚିମବଙ୍ଗର ପୁରୁଲିଆ ଜିଲାର ତ୍ରୟମ୍ବକ ଛଉ ନୃତ୍ୟ ଦଳର ନାଚ ବେଶ୍ ଉପଭୋଗ୍ୟ ଥିଲା। ମା ଆଦିଶକ୍ତି ପାଇକ ଆଖଡା ସଂଘ ବେଲପଡାର ଶିଳ୍ପୀମାନେ ସମରକଳା ପ୍ରଦର୍ଶନ କରିଥିଲେ। ଉତ୍କଳ ଡ୍ୟାନ୍ସ ରିସର୍ଚ୍ଚ ଏକାଡେମୀ(ଉଡ୍ର) ଭୁବନେଶ୍ୱର ପକ୍ଷରୁ କାମ, କ୍ରୋଧ, ଲୋଭ, ମୋହ, ଗର୍ବ ଓ ଅହଙ୍କାର ଉପରେ ଷଡରିପୁଙ୍କ କାର୍ଯ୍ୟକଳାପକୁ ନେଇ ନୃତ୍ୟାଭିନୟ ଦେଖିବାକୁ ମିଳିଥିଲା। ସେହିଭଳି ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ରଘୁରାଜପୁରର ଶିଳ୍ପୀମାନେ ମଙ୍ଗଳାଚରଣ, ଆମେ ଓଡ଼ିଆରେ ଆମେ ଓଡ଼ିଆ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ ଆଶ୍ୱସନା ସଭାପତି ବିଧାନ ମହାନ୍ତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ରୂପେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ ଦାସ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟଶାଣୀ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବିଜେଡି ଯୁବ ଜନତା ଦଳର ସାଧାରଣ ସମ୍ପାଦକ ଆଶିଷ ମିଶ୍ର ଅତିଥି ରୂପେ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ସଂଯୋଜକ ଗୌରୀ ଶଙ୍କର ରାଉତରାୟ ଓ ସମ୍ପାଦକ ରିତେଶ ସାହୁ ଧନ୍ୟବାଦ ଦେଇଥିଲେ। ମଞ୍ଚ ଉପସ୍ଥାପନା ମୃତ୍ୟୁଞ୍ଜୟ ରଥ କରିଥିଲେ।

### ଦୁର୍ଘଟଣାକୁ କେନ୍ଦ୍ରକରି ଆକ୍ରମଣ, ଯୁବକ ଗିରଫ

**ପାତ୍ରପଡା,୨୨।୧୧(ଡି.ଏନ.ଏ)** ଖଣ୍ଡଗିରି ଥାନା କଳିଙ୍ଗ ଷ୍ଟୁଡିଓ ଛକ ନିକଟରେ ଦୁର୍ଘଟଣାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଗାଳିଗୁଲଜ ସହ ମାଡ ମାରିବା ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଚନ୍ଦକା ଥାନା ଅନ୍ଧାରୁଆ ଅଞ୍ଚଳରେ ଦୀପକ ସ୍ୱାଇଁ (୨୦)। ପୋଲିସ ସୂଚନା ମୁତାବକ, ଶ୍ୟାମସୁନ୍ଦର ଅଞ୍ଚଳରେ ରହୁଥିବା ଜ୍ୟୋତ୍ସ୍ନାରାଣୀ ଦାସ ଯେ କି ଶହୀଦନଗର ଅଞ୍ଚଳରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ଗୁରୁବାର ସନ୍ଧ୍ୟାରେ ସେ ନିଜ ଭାଇ ମନୋଜଙ୍କ ସହ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଷ୍ଟୁଡିଓ ଛକ ନିକଟରେ ନିଜ ବାଇକ୍ ସହ ମନୋଜଙ୍କ ବାଇକ୍ ଧକ୍କା ହୋଇଥିଲା। ଏହାକୁ କେନ୍ଦ୍ରକରି ଦୀପକ ଯୁବତୀଙ୍କୁ ଗାଳିଗୁଲଜ କରିବା ସହ ମନୋଜଙ୍କୁ ମାଡ କରିଥିଲେ। ଏ ନେଇ ଜ୍ୟୋତ୍ସ୍ନାରାଣୀଙ୍କ ଅଭିଯୋଗ କରିବାରେ ପୋଲିସ ୬୬୧/୧୯ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ଦୀପକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

### ଟ୍ରକ୍ ଧକ୍କାରେ ରେଳ ଫାଟକ ଭାଙ୍ଗିଲା

**ନିରାକାରପୁର,୨୨।୧୧(ଡି.ଏନ୍.ଏ.):** ଖୋର୍ଦ୍ଧା ରେଳ ଡିଭିଜନ ଅଧୀନରେ ଥିବା ନିରାକାରପୁର ଲେଭଲ କ୍ରସିଂ ଫାଟକ ଏକ ଟ୍ରକ୍ ଧକ୍କାରେ ଭାଙ୍ଗିଯାଇଛି। ଶୁକ୍ରବାର ସନ୍ଧ୍ୟାରେ ରାମେଶ୍ୱରରୁ ନିରାକାରପୁର ଆସୁଥିବା ଟ୍ରକ୍ ଭାରସାମ୍ୟ ହରାଇ ଧକ୍କା ଦେବାରୁ ଏଭଳି ଘଟଣା ଘଟିଥିଲା। ଏଥିଯୋଗୁ ନୂଆ ଜଗନ୍ନାଥ ସଡକର ଉଭୟ ପାର୍ଶ୍ୱରେ ଶତାଧିକ ଗାଡିମୋଟର ଅଟକିରହିଥିଲା। ଖବର ପାଇ ଖୋର୍ଦ୍ଧା ରୋଡରୁ କର୍ମଚାରୀ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ନେଇ ଡ୍ୟୁଟିରେ ଥିବା ରେଳବାଇ ସୁରକ୍ଷା ବଳର ବୈଦ୍ୟନାଥ କୁହନ୍ତି, ଏହାର ତଦନ୍ତ କରାଯାଇ ଯାହା ପଦକ୍ଷେପ ନିଆଯିବ।

## ■ ବେଗୁନିଆ ମହାବିଦ୍ୟାଳୟ
# ଓଡ଼ିଆ ଭାଷାରେ ଆଲୋଚନାଚକ୍ର



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**ବେଗୁନିଆ,୨୨।୧୧(ଡି.ଏନ.ଏ):** ଆମେ ସମସ୍ତେ ଓଡ଼ିଶାବାସୀ। ଆମ ଭାଷା ହେଉଛି ଓଡ଼ିଆ। ଓଡ଼ିଆ ଭାଷା ଏବଂ ବ୍ୟବହାର ମୁହାଁ ହେଉଛି। ପିଲାମାନେ ଆମେ ସଂକଳ୍ପ କରିବା ଆବଶ୍ୟକ ଓଡ଼ିଆ ଭାଷାକୁ ସୁରକ୍ଷା ଦେବା ଜରୁରୀ ବୋଲି ମତ ପ୍ରକାଶ ପାଇଛି। ସ୍ୱଭାବ କବି ଗଙ୍ଗାଧର ମେହେରଙ୍କର ସାରସ୍ୱତ ସାଧନା ଏବଂ ଓଡ଼ିଆ ସାହିତ୍ୟ ପ୍ରତି ଯେଉଁଭଳି ଅବଦାନ ଥିଲା ତାହାକୁ ଆମେ ଅନୁକରଣ କରିବା ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଶୁକ୍ରବାର ବେଗୁନିଆ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଭାଷା ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ମୁଖ୍ୟ ବିଜୟ ଲକ୍ଷ୍ମୀ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଏବଂ ଖୋର୍ଦ୍ଧା ପି.ଏନ. କଲେଜର ପୂର୍ବତନ ଅଧ୍ୟକ୍ଷା ସ୍ୱୟଂପ୍ରଭା ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ବିଭାଗୀୟ ପୁରାତନ ମୁଖ୍ୟ କେଲୁଚରଣ ପରିଡା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କବି ଗଙ୍ଗାଧର ମେହେର ଶୀର୍ଷକ ଆଲୋଚନାଚକ୍ରରେ ଓଡ଼ିଆ ସମ୍ମାନ ବର୍ଷର ଛାତ୍ରୀ ଜୟଶ୍ରୀ, ସୁଶ୍ରୀ ଶାଶ୍ୱତୀ, ସୁଶ୍ରୀ ସଙ୍ଗୀତା, ସ୍ୱାଗତିକା ଏବଂ ଗୀତା ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ନବ କିଶୋର ବିଷୋଇ, ଅଧ୍ୟାପିକା ନମିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ସଲିଳ କୁମାର ବଡଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆମ ସ୍କୁଲ: ଆମର ସ୍ମୃତି, ଆମର ସ୍ୱପ୍ନ କାର୍ଯ୍ୟକ୍ରମ ଆୟୋଜିତ



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ଜଟଣୀ,୨୨।୧୧(ଡି.ଏନ.ଏ):** ଜଟଣୀ ପି.ଏନ. ଉଚ୍ଚ ବିଦ୍ୟାଳୟ ୧୯୮୩ (ଜୁନିୟର)ବ୍ୟାଚ୍‌ର ପୁରାତନ ଛାତ୍ର ସଂସଦ ପକ୍ଷରୁ ଆମ ସ୍କୁଲ: ଆମର ସ୍ମୃତି, ଆମର ସ୍ୱପ୍ନ କାର୍ଯ୍ୟକ୍ରମ ଓ ବନ୍ଧୁମିଳନ ଶୁକ୍ରବାର ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୁରାତନ ଛାତ୍ର ସଂସଦର ସଭାପତି ସୁନୀଲ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତା କରିଥିବା ବେଳେ ମୃତ୍ୟୁଞ୍ଜୟ ରଥଙ୍କ ସଂଯୋଜନା କରିଥିଲେ। ସାହିତ୍ୟିକ ଡ. ବିଭୂତି ପଟ୍ଟନାୟକ, ଚଳଚ୍ଚିତ୍ର ଅଭିନେତା ବିଜୟ ମହାନ୍ତି, ଟାଟା ଷ୍ଟିଲର ଭାଇସ୍ ପ୍ରେସିଡେଣ୍ଟ ପାର୍ଥସାରଥି ମିଶ୍ର, ଗାଳ୍ପିକ ଗୌରହରି ଦାସ, ସ୍କୁଲର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ବିଦ୍ୟାର୍ଥୀଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲର ଅବସରପ୍ରାପ୍ତ, ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକ ଓ କେତେଜଣ ପୁରାତନ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍କୁଲ ପ୍ରତିଷ୍ଠା ହେବାର ଏହାର ଦ୍ୱିତୀୟ ବର୍ଷ ଛାତ୍ର ଥିବା ବିଶିଷ୍ଟ ବ୍ୟବସାୟୀ ଓ ସାମାଜିକ କର୍ମୀ ୮୮ ବର୍ଷୀୟ ରାମତର ଅଗ୍ରୱାଲାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ସଞ୍ଜୟ କୁମାର ଅଗ୍ରୱାଲ ବିବରଣୀ ପାଠ କରିଥିଲେ। ଆୟୋଜକ ବ୍ୟାଚର ତଥା ଲେଖକ ମହେନ୍ଦ୍ର ପ୍ରସାଦ, ଡ. ପ୍ରବୀର ମହାନ୍ତି ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ୧୯୮୩ ବ୍ୟାଚର ଛାତ୍ର ଉପସ୍ଥିତ ରହିଥିଲେ।

# ହତ୍ୟାକାରୀଙ୍କୁ ତୁରନ୍ତ ଗିରଫ ଦାବିରେ ରାସ୍ତାରୋକୋ

**ପାତ୍ରପଡା,୨୨।୧୧(ଡି.ଏନ.ଏ):** ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଶୁକ୍ରବାର ରାତିରେ ଖଣ୍ଡଗିରି ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ଆଇଗିଣିଆ ଆଳୁ ଗଦିଠାରେ ବାହାଦଲପୁର ଅଞ୍ଚଳର ଶତାଧିକ ଲୋକ ଅବରୋଧ କରିଥିଲେ। ଖବରପାଇ ଜୋନ୍ -୩ ଏସିପି ପ୍ରାଣକୃଷ୍ଣ ରାଉତ, ଖଣ୍ଡଗିରି ଥାନା ଅଧିକାରୀ ପ୍ରମୁଖ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବାରେ ରାସ୍ତାରୋକୋ ହଟିଥିଲା। ପୋଲିସ ସୂଚନା ଅନୁଯାୟୀ, ଖଣ୍ଡଗିରି ଥାନା ବାହାଦଲପୁର ଅଞ୍ଚଳରେ ୭ ତାରିଖରେ ଅନିଲ ଜେନା ଓ ତାଙ୍କ ବାପା ଅଭିମନ୍ୟୁଙ୍କୁ ଗୁଳିମାଡ ହୋଇଥିଲା। ଏଥିରେ ଅନିଲଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା। ହତ୍ୟାକାଣ୍ଡରେ ସମ୍ପୃକ୍ତ ଭରତ ସାହୁ ଓ ତାଙ୍କ ସହଯୋଗୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ ଦାବିରେ ବାହାଦଲପୁର ଗାଁରେ ଲୋକେ ପୋଲିସ ଅଧିକାରୀଙ୍କ ନିକଟରେ ଦାବି କରିଥିଲେ। ଘଟଣାର ୧୫ଦିନ ବିତି ଯାଇଥିଲେ ହେଁ ପୋଲିସ କୌଣସି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪ ଦିନ ଭିତରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବି ସହ ସ୍ଥାନୀୟ ଅଞ୍ଚଳରେ ନିଶା କାରବାରକୁ ବନ୍ଦ କରିବା ନେଇ ଦାବି କରିଥିଲେ।

# ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ଖୋର୍ଦ୍ଧା ଅଫିସ,୨୨।୧୧:** ଓଷ୍ଟାର ଦାବି ଦିବସରେ ଶୁକ୍ରବାର ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏ ଅବସରରେ ଶିକ୍ଷକମାନେ ନୂଆ ବସ୍‌ଷ୍ଟାଣ୍ଡରୁ ବାହାରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଆନ୍ଦୋଳନରେ ସାମିଲ ହୋଇଥିଲେ। ପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକଙ୍କ ସମସ୍ୟାର ସମାଧାନ ନେଇ ସ୍ମାରକପତ୍ର ଦେଇଥିଲେ। ଅନୁଦାନରୁ ବଞ୍ଚିତ ୧୭୭ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ୭ମ ବେତନ କମିଶନ ହାରରେ ଦରମା ପ୍ରଦାନ ଓ ଚାକିରି ସର୍ତ୍ତାବଳୀ ପ୍ରଦାନ, ୬୧୦, ୪୮ ଓ ନୂଆ ଅନୁଦାନ ବିଦ୍ୟାଳୟକୁ ସରକାରୀ କରଣ ପରି ଦାବି ରହିଛି। ଏ ଅବସରରେ ଅନୁଷ୍ଠିତ ପ୍ରତିବାଦ ସଭା ଜିଲା ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ସମ୍ପାଦକ ରଞ୍ଜନ ଦାଶ, ସନ୍ତୋଷ ଭଞ୍ଜ, ଯୁଗ୍ମ ସମ୍ପାଦକ ମଧୁସୂଦନ ଦେ, ଜିଲା ସଂଘର ଉପଦେଷ୍ଟା ସନ୍ତୋଷ କର, ସମ୍ପାଦକ ସୁଧାକାର ମହାପାତ୍ର ପ୍ରମୁଖ ଯୋଗଦେଇ ଶିକ୍ଷକଙ୍କ ସମସ୍ୟା ଉପରେ ସରକାରଙ୍କର ପକ୍ଷପାତିତାକୁ ସମାଲୋଚନା କରିଥିଲେ।





ବିକ୍ଷୋଭ କରୁଥିବା ଶିକ୍ଷୟିତ୍ରୀ ଶିକ୍ଷକମାନେ।

## ■ ଚାଷୀଙ୍କ ଅଭିଯୋଗ ଶୁଣାଣି
# ମିଳୁନି ମୌଳିକ ଆବଶ୍ୟକତା

**ଖୋର୍ଦ୍ଧା ଅଫିସ,୨୨।୧୧:** ଜିଲା ସଂସ୍କୃତି ଭବନ ପରିସରରେ ଶୁକ୍ରବାର ଚାଷୀଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଡେପୁଟି କଲେକ୍ଟର, ଉପକୃଷି ନିର୍ଦ୍ଦେଶକ ଭାସ୍କର ବାରିକଙ୍କ ସମେତ କୃଷି ସହ ଜଡିତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ। ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ ଏଥିରେ ଯୋଗଦେଇ ନିଜର ଅଭାବ ଅସୁବିଧାକୁ ଉପସ୍ଥାପନ କରିଥିଲେ। ଚାଷୀଙ୍କ ଅଭିଯୋଗ ଅନୁସାରେ, ଖୋର୍ଦ୍ଧା ଜିଲାରେ ଚାଷୀ ଓ ଚାଷ ଉପେକ୍ଷିତ। ଚାଷୀଙ୍କ ମୌଳିକ ଆବଶ୍ୟକତା ପୂରଣ ହେଉନି। ଚାଷୀଙ୍କ

**ଚାଷୀଙ୍କ ପ୍ରସ୍ତାବ ଓ ସମସ୍ୟାକୁ ଗୁରୁତ୍ୱ ନାହିଁ**

ସମସ୍ୟା ଓ ପ୍ରସ୍ତାବକୁ ଅଣଦେଖା କରାଯାଇ ଜୋର ଜବରଦସ୍ତ ଆଇନକୁ ଲଦି ଦିଆଯାଉଥିବାରୁ ଚାଷୀ ଉପେକ୍ଷିତ ହେଉଛି। ଚାଷୀ ବିରୋଧୀ ଆଇନକୁ ଏଥର ବିରୋଧ କରାଯିବ। ମଣ୍ଡିରେ ଧାନ ବିକ୍ରି ପାଇଁ ଅନଲାଇନ୍ ଟୋକନ୍ ବ୍ୟବସ୍ଥା ପ୍ରତ୍ୟାହାର କରିବାକୁ ସରକାରଙ୍କୁ ଅବଗତ କରାଯାଉ। ବିଲ୍‌ରୁ ଚାଷୀ ଯେଉଁ ଧାନ ଅମଳ କରୁଛି ସବୁ ଯେପରି ବିକ୍ରି କରିପାରିବ ତା'ର ବ୍ୟବସ୍ଥା କରାଯାଉ। ମଣ୍ଡିରେ ଚାଷୀ ଧାନ ବିକୁଛି। ହେଲେ ଅଖା ଟଙ୍କା ପାଉନି। ଅଖା ଟଙ୍କା ପାଇବାର ବ୍ୟବସ୍ଥା କରାଯାଉ। କାଳିଆ ଟଙ୍କା ଏ ଯାବତ ବହୁ ଚାଷୀ ପାଇନାହାନ୍ତି। ଯେଉଁମାନେ ଚାଷକୁ ବଞ୍ଚାଇ ରଖିଛନ୍ତି ସେମାନଙ୍କୁ ଅବହେଳା କରାଯାଇଛି। ପ୍ରଥମ କିସ୍ତି ଟଙ୍କା ଚାଷୀ ପାଇନାହାନ୍ତି। କିନ୍ତୁ ଅନ୍ୟ କିଛି ଚାଷୀ ୨ୟ କିସ୍ତି ଟଙ୍କା ପାଇଲେଣି। ବନ ବିଭାଗର ପଦକ୍ଷେପ ନାହିଁ। ବାର୍‌ହା, ହାତୀ, ମାଙ୍କଡ ଫସଲ ନଷ୍ଟ କରୁଛନ୍ତି। ଚାଷୀ ପାଉନାହିଁ କ୍ଷତିପୂରଣ। ଯେଉଁଠି ପାଉଛି ତାହା କ୍ଷତିଠାରୁ ବହୁ କମ। ଚାଷୀର କ୍ଷୟକ୍ଷତିକୁ ଆକଳନ କରି କ୍ଷତିପୂରଣ ଦିଆଯାଉ। ଫନୀ ଯିବାର ୬ ମାସ ଗଲାଣି। ହେଲେ ଚାଷୀ ସମେତ ଅନ୍ୟମାନେ ସହାୟତା ରାଶି ପାଉନାହାନ୍ତି। ଫନୀ କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସହାୟତା ରାଶି ଦିଆଯାଉ। ଫନୀରେ କୁକୁଡା ଚାଷୀ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ସେମାନେ ବି ଉପେକ୍ଷିତ ହୋଇ ରହିଛନ୍ତି। ରବି ଓ ଖରିଫ ଋତୁରେ ଚାଷୀ ବିହନ ଠିକ୍‌ରେ ପାଉନାହିଁ। ଆଗକୁ ରବିଋତୁ ଥିବାରୁ ପ୍ରକୃତ ଚାଷୀ ଚୟନ କରାଯାଇ ମାଗଣା ବିହନ ଓ ଅନ୍ୟ ସହାୟତା ଯୋଗାଇ ଦିଆଯାଉ। ଏଥିରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲା ସଂଯୋଜକ ସୁରେଶ ମାନସିଂ, ଜିଲା ସହ ସଂଯୋଜକ ରମେଶ ସ୍ୱାଇଁ, ବୋଲଗଡ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ, ଲୁଲୁ ପ୍ରସାଦ ଭଞ୍ଜ ପ୍ରମୁଖ ଯୋଗ ଦେଇଥିଲେ।



ଅଧବସାୟ ସଙ୍ଗେ ସଙ୍ଗେ ସୌଭାଗ୍ୟ ଛାଇ ଭଳି ଚାଲିଥାଏ।
- ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

ନିମାପଡ଼ା,୨୨।୧୧(ଡି.ଏନ୍.ଏ.): ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ନିମାପଡ଼ା ପୋଲିସ ଶୁକ୍ରବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ଦେଉଳିଆଠେଙ୍ଗ ଗ୍ରାମର ତପନ ମଲ୍ଲିକ। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି। ସୂଚନା ଅନୁଯାୟୀ, ଦେଉଳିଆଠେଙ୍ଗ ଗ୍ରାମର ଲଳିତା ଓଝାଙ୍କ ଘରେ କେହି ନ ଥିବା ବେଳେ ଗୁରୁବାର ରାତିରେ ଉକ୍ତ ଗ୍ରାମର ଅଭିଯୁକ୍ତ ତପନ ତାଙ୍କ ଘରେ ପଶିଥିଲା। ଏହା ପରେ କୌଣସି କାରଣକୁ ନେଇ ସେ ଏକ ଲୁହାରଡରେ ଲଳିତାଙ୍କୁ ଆକ୍ରମଣ କରିବା ସହ ଘରର ଆସବାବପତ୍ର ଫିଙ୍ଗିବା ଓ ୫ହଜାର ଟଙ୍କା ଲୁଟି ନେଇ ପଳାଇଥିଲେ। ଲଳିତା ଏହାର ପ୍ରତିବାଦ କରିବାରୁ ତପନ ତାଙ୍କୁ ବିଭିନ୍ନ ଧମକ ଦେଇଥିଲେ। ଲଳିତାଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୨୯୯/୧୯)ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ଡକାୟତି ଉଦ୍ୟମ ମାମଲା: ଆଉ ଜଣେ ଅଭିଯୁକ୍ତ ଗିରଫ

ନିମାପଡ଼ା,୨୨।୧୧(ଡି.ଏନ୍.ଏ.): ଡକାୟତି ଉଦ୍ୟମ ମାମଲାରେ ସମ୍ପୃକ୍ତ ଥିବା ଆଉ ଜଣେ ଅଭିଯୁକ୍ତଙ୍କୁ ନିମାପଡ଼ା ପୋଲିସ ଶୁକ୍ରବାର ପୁରୀ ବାସେଳି ସାହି ଥାନା ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ବଖାସାହିର ପବନା ବେହେରା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।ପବନାଙ୍କ ନାମରେ ଏକାଧିକ ମାମଲା ରହିଥିବା ପୋଲିସ କହିଛି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୫ ତାରିଖ ରାତିରେ ନିମାପଡ଼ା-ବଳଙ୍ଗା ରାସ୍ତାର ବୋଧେଇ ବ୍ରିଜ ନିକଟରେ ୭ଜଣ ଡକାୟତି ପାଇଁ ଯୋଜନା କରୁଥିଲେ। ଖବରପାଇ ନିମାପଡ଼ା ଥାନା ଅଧିକାରୀ ଜନାର୍ଦ୍ଦନ ପାଢ଼ୀ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଚଢ଼ାଉ କରି ୪ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ୪ଟି ବୋମା, ଏକ ସ୍କେଚ୍ ମ୍ୟାପ ଜବତ ହୋଇଥିଲା। ପୋଲିସ ଏ ସମ୍ପର୍କରେ ଏକ ମାମଲା (ନଂ.୨୧୫/୧୯)ରୁଜୁ କରି ତଦନ୍ତ ଚଳାଇଥିଲା।

### ଛାତ୍ରୀନିବାସ, ଶିକ୍ଷା ଭବନ ଉଦ୍‌ଘାଟିତ

ପୁରୀ ଅଫିସ, ୨୨।୧୧ : ସାମନ୍ତଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ୩ଶହ ଶଯ୍ୟା ବିଶିଷ୍ଟ ଛାତ୍ରୀନିବାସ ଏବଂ ବୃତ୍ତିଗତ ଶିକ୍ଷା ଭବନର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କଲେଜର କାର୍ଯ୍ୟନିର୍ବାହୀ ପରିଷଦର ଅଧକ୍ଷ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଏହାକୁ ଉଦ୍‌ଘାଟନ କରିଥିଲେ। କଲେଜ ଅଧକ୍ଷା ପ୍ରଫେସର ସୁଜାତା ମିଶ୍ର, ଉପାଧକ୍ଷ ପ୍ରଫେସର ଶଙ୍କର୍ଷଣ ଦାଶ ଏବଂ ବିଭାଗୀୟ ଅଧାପିକା,ଅଧାପକ ମାନେ ଉପସ୍ଥିତ ଥିଲେ। ବର୍ତ୍ତମାନ ସୁଦ୍ଧା ନୂତନ ଛାତ୍ରୀନିବାସ ଲାଗି ୮୪ଜଣ ଆବେଦନ କରିଛନ୍ତି। ଯଥାଶୀଘ୍ର ପ୍ରଥମ ପର୍ଯ୍ୟାୟରେ ଶହେ ଜଣ ଛାତ୍ରୀଙ୍କୁ ରଖାଯିବ। ପର୍ଯ୍ୟାୟ କ୍ରମେ ଏହାକୁ ପୂରଣ କରାଯିବ। ଏନେଇ ସମସ୍ତ ପ୍ରସ୍ତୁତି ସରିଛି ବୋଲି ଅଧକ୍ଷା ମିଶ୍ର କହିଛନ୍ତି।

### କଣାସରେ ଲେଡ଼ା ପୋକ ଉପଦ୍ରବ

କଣାସ,୨୨।୧୧(ସ୍ୱ.ପ୍ର.): ଚଳିତବର୍ଷ ସାମୁଦ୍ରିକ ଝଡ଼ ଫନୀ ଏବଂ ଲଘୁଚାପଜନିତ ବର୍ଷା ଯୋଗୁ ଚାଷୀମାନେ ସାରଦ ଧାନ ଫସଲ ହରାଇଥିଲେ। ପରିବାର ପ୍ରତିପୋଷଣ କରିବା ପାଇଁ ପୁଣି ରବି ଫସଲ କରି ଧୋଇଯାଇଥିବା ଧାନ ଜମିରେ ବିରି, ମୁଗ, କୋଳଥ ଆଦି ପକାଇଥିଲେ। ବିରି ଗଛଗୁଡ଼ିକ ବଡ଼ ବଡ଼ ହୋଇଯାଇଥିବାବେଳେ ପୁଣି ଲେଡ଼ାପୋକ ଉପଦ୍ରବ ଦେଖାଯାଇଛି। ପୋକ ସବୁ ଗଛଗୁଡିକୁ ଖାଇ ନଷ୍ଟ କରିଦେଇଥିବାରୁ ଚାଷୀମାନେ ଏବେ ଚିନ୍ତାରେ ଅଛନ୍ତି। ବିଶେଷକରି ବଡାସ, ପାଣ୍ଡିଆକେରା, ଗଡବଳଭଦ୍ରପୁର, ଦୋକନ୍ଦା, ଚୁପୁରିଙ୍ଗି ଗ୍ରାମପଞ୍ଚାୟତରେ ଲେଡାପୋକ ଉପଦ୍ରବ ଅଧିକା ହୋଇଥିବା ଜଣାପଡିଛି। ଖବରପାଇ କଣାସ କୃଷି ଅଧିକାରୀ କେ ନଳିନୀ ଘଟଣାସ୍ଥଳକୁ ଯାଇ ଲେଡାପୋକ ଲାଗିଥିବା ଜମି ବୁଲି ଦେଖିବା ସହ ପ୍ରତିକାର ପାଇଁ ଚାଷୀଙ୍କୁ ଔଷଧ ପକାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

■ ଫନୀକୁ ପୂରିଲା ୨୦୦ ଦିନ

# ତଥାପି ଥମିନି ସହାୟତା ଅସନ୍ତୋଷ

ପୁରୀ ଅଫିସ, ୨୨।୧୧

ଫନୀକୁ ୨୦୦ ଦିନ ପୂରିଯାଇଛି। ତଥାପି ବାତ୍ୟା ସହାୟତାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଥମିନାହିଁ। ଅନେକ କ୍ଷତିଗ୍ରସ୍ତଙ୍କୁ ଘରଭଙ୍ଗା ସହାୟତା ମିଳିପାରି ନ ଥିବାବେଳେ ପୁଣି ଉଠିଛି ପାତର ଅନ୍ତର ଅଭିଯୋଗ। ହିତାଧିକାରୀ ଚୟନରେ ସାମିଲ ଅଧିକାରୀ ଏବଂ ରାଜସ୍ୱ କର୍ମଚାରୀଙ୍କ ଅନିୟମିତତା ଯୋଗୁ ଜିଲା ପ୍ରଶାସନ ହରଡ଼ଘଣାରେ ପଡିଛି। ଘରଭଙ୍ଗା ସହାୟତା ତାଲିକା ଖୋଲିଲେ ଦୁର୍ନୀତିର ଗନ୍ଧ ବାହାରୁଛି। ବହୁ ଥିଲାବାଲା ଲୋକେ ସହାୟତା ହାତେଇଥିବାବେଳେ ପ୍ରକୃତରେ ସହାୟତା ପାଇବାକୁ ଯୋଗ୍ୟ ଅନେକ ଗରିବଙ୍କର କିନ୍ତୁ ତାଲିକାରେ ନା ନାହିଁ। ବହୁ ଜନପ୍ରତିନିଧି ଏବଂ ସେମାନଙ୍କ ସମ୍ପର୍କୀୟ ଚଞ୍ଚକତା କରିଥିବାରୁ ଏହାକୁ ନେଇ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ଅସନ୍ତୋଷ ତେଜୁଛି। ଏମିତି ବି ହୋଇଛି ତାଲିକାରେ ନାଁ ଥାଇ ବି ଅନେକଙ୍କୁ ଏ ଯାଏ ସହାୟତା ମିଳିନାହିଁ। ଏମିତି ଗୋଳିଆ ଘଣ୍ଟା ଭିତରେ ପ୍ରଶାସନ ନିକଟରେ ଅଭିଯୋଗ ତାଲିକା ମଧ୍ୟ ଲମ୍ବିବାରେ ଲାଗିଛି। ଅନ୍ୟପକ୍ଷରେ ତାଲିକାରେ ନାଁ ଥାଇ ମଧ୍ୟ ସେମାନଙ୍କୁ ସହାୟତା ମିଳି ନ ଥିବାରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ ପିପିଲି ବ୍ଲକ କଣ୍ଟି ପଞ୍ଚାୟତର ଅନେକ ଲୋକ। ତେବେ ଘରଭଙ୍ଗା ସହାୟତା ନେଇ ଅଭିଯୋଗର ତଦନ୍ତ ଚାଲିଥିବାରୁ ବର୍ତ୍ତମାନ ଟଙ୍କା ପ୍ରଦାନ ବନ୍ଦ ରହିଥିବା ଜିଲାପାଳ ସୂଚନା ଦେଇଛନ୍ତି।

ବାତ୍ୟାରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ପୁରୀ ଜିଲା। ସହାୟତା ପ୍ରଦାନ ଲାଗି ରାଜସ୍ୱ କର୍ମଚାରୀ ଓ ଅଧିକାରୀ ଗାଁ ଗାଁ ବୁଲି ଘରଭଙ୍ଗା ତାଲିକା ପ୍ରସ୍ତୁତ କରିଥିଲେ। ସମ୍ପୂର୍ଣ୍ଣ ଭଙ୍ଗା, ମାତ୍ରାଧିକ ଭଙ୍ଗା ଏବଂ ଆଂଶିକ ଭଙ୍ଗା ଏହିପରି ବର୍ଗୀକରଣ କରାଯାଇ ତାଲିକା ହୋଇଥିଲା। ସେହି ତାଲିକା ଅନୁଯାୟୀ ଫନୀ ସହାୟତା ବଣ୍ଟନ କରାଯାଇଛି। ତେବେ ହିତାଧିକାରୀ ଚୟନରେ ଅନିୟମିତତା ଯୋଗୁ ଅସନ୍ତୋଷ ବଢିଛି। ତାଲିକାର ରହିଛନ୍ତି ବହୁ ପ୍ରଭାବଶାଳୀ ବ୍ୟକ୍ତି। ଏମିତିକି ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତି ସହାୟତା ନେଇଥିବା ବେଳେ ଥିଲାବାଲା ଲୋକ, ଜନପ୍ରତିନିଧି ଏପରି କି ଅନେକ ବଡବଡ଼ିଆ ମଧ୍ୟ ଟଙ୍କା ନେଇଛନ୍ତି। କିନ୍ତୁ ଏମିତି ଅନେକ ଲୋକ ଅଛନ୍ତି ଯେଉଁମାନଙ୍କର ଘର ସମ୍ପୂର୍ଣ୍ଣ ଭାବେ ବାତ୍ୟାରେ ମାଟିରେ ମିଶିଯାଇଥିଲେ ମଧ୍ୟ ତାଲିକାରେ ସେମାନଙ୍କ ନାଁ ନାହିଁ। ସେହିପରି ତାଲିକାରେ ନା ଥାଇ ସହାୟତା ଦିଆଯାଇ ନ ଥିବା ବି ଅନେକ ଅଭିଯୋଗ କରିଛନ୍ତି।

ତେବେ ଫନୀର ୨୦୦ ଦିନ ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ସମ୍ପର୍କରେ ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ଜିଲାପାଳ ବଳଓନ୍ତ ସିଂ କହିଛନ୍ତି, ଜୀବନ ଜୀବିକାର ଯାହା ସହାୟତା ଥିଲା ତାହା ପ୍ରାୟତଃ ଦିଆଯାଇଛି। ଘରଭଙ୍ଗା ସହାୟତା ନେଇ ଯେଉଁ କିଛି ଅଭିଯୋଗ ଆସିଛି ତାହାର ତଦନ୍ତ ଚାଲିଛି। ତଦନ୍ତ ପରେ ଏ ଦିଗରେ ପଦକ୍ଷେପ ନିଆଯିବ। ଆଗକୁ ଯେଉଁ ପକ୍କା ଘର ଆସିବ ପ୍ରକୃତ ହିତାଧିକାରୀ କିପରି ଏହା ପାଇବେ ତାର ତାଲିକା କରାଯାଉଛି। ଡିଆରଡିଏର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକ ଜରିଆରେ ଏହି ତାଲିକା ପ୍ରସ୍ତୁତ ହେଉଛି। ତେବେ ତାଲିକାରେ ନାଁ ଥାଇ କିଛି କ୍ଷତିଗ୍ରସ୍ତଙ୍କୁ ଏ ପର୍ଯ୍ୟନ୍ତ ସହାୟତା ନ ମିଳିବା ସମ୍ପର୍କରେ ଜିଲାପାଳ କହିଛନ୍ତି, କିଛି ଅଭିଯୋଗ ଆସିବା ପରେ ସହାୟତା ପ୍ରଦାନ ବନ୍ଦ ରଖାଯାଇଛି। ତଦନ୍ତରେ ଯଦି କେହି ଅଯୋଗ୍ୟ ଜଣାପଡିବେ ତାଙ୍କ ଆକାଉଣ୍ଟକୁ ଟଙ୍କା ଛଡାଯିବ ନାହିଁ। ଯଦି କେହି ଅଯୋଗ୍ୟ ବ୍ୟକ୍ତି ସହାୟତା ପାଇଥିବେ ତେବେ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି କ୍ଷତିଗ୍ରସ୍ତ ନଡ଼ିଆ ସମ୍ପର୍କରେ କହିଥିଲେ, ଜିଲାର ପ୍ରାୟ ୧ଲକ୍ଷ ୧୨ ହଜାର ନଡ଼ିଆ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଉଦ୍ୟାନ କୃଷି ବିଭାଗ ପକ୍ଷରୁ ପ୍ରାୟ ୮୦ ହଜାର କ୍ଷତିଗ୍ରସ୍ତଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଇଛି। ଯଦି କାହାର ଆକାଉଣ୍ଟରେ କିଛି ସମସ୍ୟା ରହିଛି ତାହା ଯାଇ ନ ଥିବ। ତେବେ ଖୁବ୍‌ଶୀଘ୍ର ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ।

■ ତାଲିକାରେ ନାଁ ଥାଇ ସହାୟତା ମିଳି ନ ଥିବାରୁ ବିକ୍ଷୋଭ
■ ୮୦ ହଜାର ନଡ଼ିଆ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି ଟଙ୍କା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଫନୀ କ୍ଷତିଗ୍ରସ୍ତ।



ପୁରୀ ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

■ ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି

## ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କଂଗ୍ରେସର ଦାବିପତ୍ର

ପୁରୀ ଅଫିସ, ୨୨।୧୧

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନମାରଣ ଓ ଶ୍ରମିକ ମାରଣ ନୀତି, ନିତ୍ୟ ବ୍ୟବହୃତ ଖାଦ୍ୟ ସାମଗ୍ରୀର ଅହେତୁକ ମୂଲ୍ୟ ବୃଦ୍ଧି, ଉତ୍କଟ ବେକାରୀ ସମସ୍ୟା ଏବଂ ଆର୍ଥିକ ମାନ୍ଦାବସ୍ଥା ବିରୋଧରେ ପୁରୀ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଥିଲା। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ପରେ ଏକ ପ୍ରତିନିଧି ଦଳ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବଳଓନ୍ତ ସିଂଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରିବା ସମୟରେ ବର୍ତ୍ତମାନ ଖାଦ୍ୟ ସାମଗ୍ରୀର ଯେଉଁପରି ଭାବେ ଅହେତୁକ ମୂଲ୍ୟ ବୃଦ୍ଧି ପାଇଛି ତା ଉପରେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ।

ପ୍ରଦେଶ କଂଗ୍ରେସ କମିଟି କୃଷକ ସେଲ୍‌ର ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ କହିଥିଲେ, ନିତ୍ୟ ବ୍ୟବହୃତ ସାମଗ୍ରୀର ମୂଲ୍ୟ ହୁ ହୁ ହୋଇ ବଢିଚାଲିଛି। ଫଳରେ ସାଧାରଣ ଖାଉଟି ଅଧିକ ପ୍ରଭାବିତ ହେଉଛନ୍ତି। ବେକାରୀ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ଆର୍ଥିକ ମାନ୍ଦାବସ୍ଥାକୁ ନେଇ ଜନସାଧାରଣ ଦୁର୍ଦ୍ଦଶା ଭୋଗୁଛନ୍ତି। ବିଶେଷକରି କୃଷକମାନଙ୍କ ସମସ୍ୟା ଅଧିକ ଜଟିଳ ହୋଇପଡିଛି। ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଠିକ୍ ମୂଲ୍ୟ ଚାଷୀମାନେ ପାଉନାହାନ୍ତି। ଏହିଭଳି ଏକ ଅଭାବନୀୟ ପରିସ୍ଥିତିରେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଚୁପ୍ ହୋଇ ବସିଛନ୍ତି। ଏହାକୁ କଂଗ୍ରେସ ଦୃଢ ବିରୋଧ କରୁଛି। ଆଗାମୀ ଦିନରେ ଉଭୟ ସରକାର ସାଧାରଣ ଜନତାଙ୍କ ହିତ ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଯୋଜନାଗୁଡ଼ିକର ଯଦି ସଫଳ ରୂପାୟନ ନ କରିବେ ତେବେ ଆଗାମୀ ଦିନରେ କଂଗ୍ରେସ ବଡ଼ଧରଣର ଆନ୍ଦୋଳନ କରିବ। ସେହିପରି ପିସିସି ମୁଖପାତ୍ର ବିନାୟକ ଦାସମହାପାତ୍ର କହିଥିଲେ, ବର୍ତ୍ତମାନ ଆଳୁ, ପିଆଜ ଓ ଅନ୍ୟାନ୍ୟ ପରିବା ଦର ଅସମ୍ଭାଳ ହୋଇପଡିଛି। ପିଆଜ କିଲୋ ୮୦ ଟଙ୍କାରୁ ଉର୍ଦ୍ଧ୍ୱ ହେଲାଣି। ଯୋଗାଣ ବିଭାଗ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇପଡିଛି। ଯଦି ୭ ଦିନ ମଧ୍ୟରେ ଦରଦାମ୍ ନିୟନ୍ତ୍ରଣ ଦିଗରେ ପଦକ୍ଷେପ ନିଆ ନ ଯାଏ ତେବେ ତେବେ ଜିଲା ଯୋଗାଣ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଦାସମହାପାତ୍ର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱନାଥ ଦାଶ, ବିରେନ୍ଦ୍ର ଭୂଷଣ ହୋତା, ଭୀମସେନ ପ୍ରଧାନ, ନିରଞ୍ଜନ ରଥ, ସେକ୍ ଅଇନୁଲ ହକ୍, ବିଦୁଲତା ଆଚାର୍ଯ୍ୟ, ନିରୁପମା ପାତ୍ର, ଆଶୁତୋଷ ମିଶ୍ର, ଅନିଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

■ ଘରଭଙ୍ଗା ସହାୟତାରେ ଦୁର୍ନୀତି

## ତଦନ୍ତ ନାଁରେ ବିପନ୍ନଙ୍କୁ ଭୁଆଁ ବୁଲାଉଛି ପ୍ରଶାସନ

ଗୋପ,୨୧।୧୧(ଡି.ଏନ୍.ଏ)

ଗୋପ ତହସିଲରେ ଘରଭଙ୍ଗା ସହାୟତାରେ ଦୁର୍ନୀତି ଘଟଣା ପଦାକୁ ଆସିଥିଲେ ମଧ୍ୟ ଜିଲା ପ୍ରଶାସନଠୁ ଆରମ୍ଭ କରି ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। ଏହି ଘଟଣା ଚାପି ଦେବାକୁ ଷଡ଼ଯନ୍ତ୍ର ଆରମ୍ଭ ହୋଇଥିବାବେଳେ ଗତ ୩ଦିନ ହେବ ଜିଲା ପ୍ରଶାସନର ନିର୍ଦ୍ଦେଶରେ ୧୪ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ପୁଣିଥରେ ଘରଭଙ୍ଗା ତଦନ୍ତ ହେବା କଥା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଅନ୍ୟପକ୍ଷେ ଗଠିତ ହେଉଥିବା ପାଞ୍ଚଜଣିଆ ଏହି ତଦନ୍ତ ଟିମରେ ପୂର୍ବରୁ ଦୁର୍ନୀତି ଅଭିଯୋଗରେ ଥିବା ତଦନ୍ତ ଅଧିକାରୀ ରହିଥିବା ଘଟଣାକୁ ନେଇ ବିପନ୍ନମାନଙ୍କୁ ପ୍ରଶାସନ ଭୁଆଁ ବୁଲାଉଥିବା ଭଳି ନଜିର ହେଉଛି। ସୂଚନାଯୋଗ୍ୟ, ଫନୀରେ ଗୋପ ଅଞ୍ଚଳର ଅଧିକାଂଶ ଗ୍ରାମରେ ୨୦ହଜାରରୁ ଉର୍ଦ୍ଧ୍ୱ ଘର ଧରାଶାୟୀ ହୋଇଥିଲା। ଘରଭଙ୍ଗା ସହାୟତା ତଦନ୍ତବେଳେ ଦୁର୍ନୀତି କରି ଧନୀ ବ୍ୟକ୍ତି, ସରକାରୀ ଚାକିରିଆ ଏପରିକି ମୃତକଙ୍କ ନାମରେ ରାଶି ମିଳିଥିବାବେଳେ ପ୍ରକୃତ ବିପନ୍ନ ଏଥିରୁ ବଞ୍ଚିତ ଅଛନ୍ତି। ଯାହାର ନିଚ୍ଛକ ଦୃଶ୍ୟ ଏବେ ବି ଅଧିକାଂଶ ବିପନ୍ନ ପଲିଥିନ ତଳେ ଜୀବନ ବିତାଉଥିବା ଦେଖିବାକୁ ମିଳୁଛି। ଏଭଳି ଅନିୟମିତତା ନେଇ ପ୍ରକୃତ ବିପନ୍ନମାନେ ଗୋପ ତହସିଲକୁ ତାଲା ପକାଇବା ସହ ତହସିଲଦାରଙ୍କୁ ଠେଲାପେଲା କରିବା ଘଟଣା ଘଟିଥିଲା। ଏହାପରେ ପୁରୀ ଜିଲାପାଳ ଗୋପ ତହସିଲକୁ ତୁରନ୍ତ ଏହି ସହାୟତା ରାଶିକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବଞ୍ଚିତ ଥିବା ବିପନ୍ନ ପୁଣି ଅଭିଯୋଗ ସହ ଧାରଣା ଦିଆଯାଇବାରୁ ଗତ ତିନି ଦିନ ହେବ ପୁନର୍ବାର ତଦନ୍ତ ଆରମ୍ଭ ହୋଇଛି। ସରକାରୀ ରିଲିଫ କୋଡ ନିୟମ ଅନୁଯାୟୀ, କୌଣସି ବିପର୍ଯ୍ୟୟ କିମ୍ବା ବାତ୍ୟା ହେବାର ୬ମାସ ମଧ୍ୟରେ ତଦନ୍ତ କରିବାର ନିୟମ ରହିଛି। ଏହାକୁ ଉଲ୍ଲଂଘନ କରି ତଦନ୍ତ କରାଯିବା କେବଳ ଲୋକଦେଖାଣିଆ ଓ ବିପନ୍ନଙ୍କୁ ଭ୍ରମିତ କରାଯାଉଛି ବୋଲି ବିପନ୍ନ ରଶ୍ମିରଞ୍ଜନ ବେହେରା, ସପନୀ ଦେଇ, କୌଶଲ୍ୟା ପ୍ରଧାନ, ନଖୀ ଦେଇ, ରଙ୍ଗ ପ୍ରଧାନ ପ୍ରମୁଖ କହିଛନ୍ତି। ଜିଲା ପ୍ରଶାସନ ଏହି ଘରଭଙ୍ଗା ଅନିୟମିତତା ଘଟଣାରେ କେବଳ ଏରବଙ୍ଗ ରାଜସ୍ୱ କାର୍ଯ୍ୟାଳୟର ରାଜସ୍ୱ ଅଧିକାରୀ ଚନ୍ଦନ ପ୍ରଧାନଙ୍କୁ କେବଳ ନିଲମ୍ବିତ କରି ନିଜର ଦାୟିତ୍ୱ ସମ୍ପାଦନ କରିଥିବାବେଳେ ଅନ୍ୟ ଦୁର୍ନୀତି ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ହେବ ତାହା ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ପୃଥ୍ୱୀରାଜ ମଣ୍ଡଳ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶରେ ପୁଣି ତଦନ୍ତ ଚାଲିଛି। ତଦନ୍ତର ରିପୋର୍ଟ ଆସିବା ପରେ ଯାହା କିଛି ପଦକ୍ଷେପ ନିଆଯିବ।


ପଲିଥିନ୍ ତଳେ ରହୁଥିବା ମହିଳା।

## ବିକଟାଳ ଶବ୍ଦ କଲେ, ଦଣ୍ଡ ଗଣିବେ ବାଇକ୍ ଚାଳକ

ପୁରୀ ଅଫିସ, ୨୨।୧୧

ବାଇକ ସାଇଲେନ୍ସରରେ ବିଭିନ୍ନ ଯନ୍ତ୍ରପାତି ଖଞ୍ଜି ବିକଟାଳ ଶବ୍ଦ ବାହାର କଲେ ଏଣିକି ମୋଟା ଅଙ୍କର ଜରିମାନା ଦେବାକୁ ପଡ଼ିବ। ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛି ପୁରୀ ଟ୍ରାଫିକ ପୋଲିସ। ଗତ କେତେ ଦିନ ଧରି ଟ୍ରାଫିକ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ବାଇକରୁ ଶବ୍ଦ ପ୍ରଦୂଷଣ ଓ ଯନ୍ତ୍ରପାତି ହଟାଓ ଅଭିଯାନ। କଲେଜ ଛକ, ମେଡିକାଲ ଛକ, ଭିଆଇପି ରୋଡ, ସିଟି ରୋଡ, ସମୁଦ୍ରକୂଳ ପ୍ରଭୃତି ଜନଗହଳି ସ୍ଥାନରେ ପୋଲିସ ପକ୍ଷରୁ ଏନେଇ କଡାକଡି ଯାଞ୍ଚ କରାଯାଉଛି। ସେହି ରାସ୍ତା ଦେଇ ଦ୍ରୁତଗତି ଏବଂ ଶବ୍ଦ କରି ଯାଉଥିବା ବାଇକ ଚାଳକଙ୍କୁ ଧରି ଜରିମାନା ଆଦାୟ କରାଯାଉଛି। ବାଇକରେ ଲାଗିଥିବା ଯନ୍ତ୍ରପାତିକୁ ପୋଲିସ ମେକାନିକ୍‌ଙ୍କ ଜରିଆରେ ଜବତ କରୁଛି। ତିନି ପ୍ରବେଶ ପଥରେ ଯାଞ୍ଚକୁ କଡାକଡି କରାଯାଉଛି ବୋଲି ଜଣେ ଉଚ୍ଚ ପଦସ୍ଥ ଅଧିକାରୀ କହିଛନ୍ତି। ଟ୍ରାଫିକ ଥାନା ଅଧିକାରୀ ଗୋକୁଳ ଚନ୍ଦ୍ର ଦାଶ କୁହନ୍ତି, ବାଇକ ସାଇଲେନ୍ସରରେ ଯୁବପିଢ଼ି ଶବ୍ଦ ପ୍ରଦୂଷଣ କରୁଥିବା ଯନ୍ତ୍ରପାତି ଖଞ୍ଜି ସହରରେ ଦ୍ରୁତଗତିରେ ଯାତାୟତ କରୁଛନ୍ତି। ଏହା ଦ୍ୱାରା ପର୍ଯ୍ୟଟକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଯାନବାହନ ଚେକିଂ କରି କାହାରିକୁ ହଇରାଣ କରିବା ପୋଲିସର ଉଦ୍ଦେଶ୍ୟ ନୁହେଁ। ଯେଉଁମାନଙ୍କୁ ଧରାଯାଉଛି ସେମାନଙ୍କୁ ସଚେତନ କରାଯାଉଛି। ଟ୍ରାଫିକ ନିୟମ ମାନିବାକୁ ପରାମର୍ଶ ଦିଆଯାଉଛି। ଗତ ସପ୍ତାହକ ମଧ୍ୟରେ ପ୍ରାୟ ଦଶ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଟ୍ରାଫିକ ପୋଲିସ ସୂତ୍ରରୁ ଜଣାପଡ଼ିଛି।

■ ବଢୁଛି ଠିକା କର୍ମଚାରୀଙ୍କ ଅସନ୍ତୋଷ

## ପୁରୀ ଜିଲାମୁଖ୍ୟ ଚିକିତ୍ସାଳୟରେ ଅଚଳାବସ୍ଥା


ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାୟାକଳ୍ପ ଟିମ୍ ବୁଲି ଦେଖୁଛନ୍ତି।

ପୁରୀ ଅଫିସ, ୨୨।୧୧

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଠିକା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ୮ମାସର ବକେୟା ଦରମା ପ୍ରଦାନ ଦାବିରେ ବୁଧବାର ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକା ଶାଲିନୀ ପଣ୍ଡିତଙ୍କୁ ସିଡିଏମଓଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ। ଦରମା ପ୍ରଦାନ ଦାବିରେ ଠିକା କର୍ମଚାଟୀ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ମେଡିକାଲରେ ଅଚଳାବସ୍ଥା ଜାରି ରହିଛି। ତିନି ଦିନ ଧରି ମେଡିକାଲରେ ଅଳିଆ ଆବର୍ଜନା ହଟିନାହିଁ। ୱାର୍ଡ ଓ ଶୌଚାଳୟରେ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ଜନୈକ କର୍ମଚାରୀ କୁହନ୍ତି ଗତ କିଛି ମାସ ଏନେଇ ସିଡିଏମଓଙ୍କଠାରୁ ଆରମ୍ଭ କରି ଜିଲା ପ୍ରଶାସନ ଏପରିକି ରାଜ୍ୟ ସରକାରଙ୍କ ନିକଟରେ ବାରମ୍ବାର ଅଭିଯୋଗ କରାଯାଇଛି। ଏନେଇ ସିଡିଏମଓ ନୀଳକଣ୍ଠ ମିଶ୍ର କୁହନ୍ତି, ପୂର୍ବରୁ ଜିଲା ସ୍ୱାସ୍ଥ୍ୟ ସମିତି (ଜେଡ୍‌ଏସ୍‌ଏସ୍) ଯୋଜନାରେ ଠିକା କର୍ମଚାରୀ ରହିଥିଲେ। ସେହି ସମୟରେ ୟୁଜର୍ସ ଫି ଆଦାୟରୁ ସେମାନଙ୍କୁ ଦରମା ପ୍ରଦାନ କରାଯାଉନଥିଲା। ବର୍ତ୍ତମାନ ୟୁଜର୍ସ ଫି ବନ୍ଦ ରହିଛି। ସେମାନଙ୍କ ଲାଗି କୌଣସି ନିର୍ଦ୍ଦିଷ୍ଟ ଗାଇଡଲାଇନ ନାହିଁ। ରୋଗୀ କଲ୍ୟାଣ ସମିତି ବୈଠକରେ ଏମ୍‌ପି ପିନାକୀ ମିଶ୍ର ଓ ଜିଲାପାଳଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ଏନେଇ ସ୍ୱାସ୍ଥ୍ୟ ବିଭାଗକୁ ଫାଇଲ ପଠାଯାଇଛି। ସେଠାରୁ ନିଷ୍ପତ୍ତି ପ୍ରକାରେ ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ। ଅନ୍ୟପଟେ ଏନ୍‌ଏଚ୍‌ଏମ୍ ନିର୍ଦ୍ଦେଶିକାଙ୍କୁ ବିରୋଧ ଏବଂ ସିଡିଏମଓଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣାରେ ସିଡିଏମଓ ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ସପ୍ତାହ ଲାଗି ନିଲମ୍ବିତ କରିଥିବା ଜଣାପଡିଛି।

## ସ୍ୱଚ୍ଛତା ପରଖିଲା କାୟାକଳ୍ପ ଟିମ୍

ବ୍ରହ୍ମଗିରି,୨୨।୧୧(ଡି.ଏନ.ଏ)

ବ୍ରହ୍ମଗିରି ରେବଣାନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୁକ୍ରବାର କାୟାକଳ୍ପର ୩ଜଣିଆ ଟିମ ପରିଦର୍ଶନ କରିବା ସହ ସ୍ୱଚ୍ଛତା ପରିଖିଥିଲା। ଟିମ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରର ପରିବେଶ, ରୋଗୀ ଶଯ୍ୟା କକ୍ଷ, ପ୍ରସୂତି ବିଭାଗ ବୁଲି ଦେଖିବା ସହ କାଗଜପତ୍ର ଯାଞ୍ଚ କରିଥିଲେ। କିନ୍ତୁ ପ୍ରସୂତି ବିଭାଗର ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପ୍ରଣବ ପ୍ରକାଶ ପୂର୍ଣ୍ଣ କୁହନ୍ତି, ଫନୀ ବାତ୍ୟାରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଅନେକ କ୍ଷୟକ୍ଷତି ହୋଇଥିଲା। ଆମେ ଯଥା ସମ୍ଭବ ଏହାର ପୁନରୁଦ୍ଧାର କରିଛୁ। ଆଉ ଯାହା କିଛି ତ୍ରୁଟି ପରିଲକ୍ଷିତ ହୋଇଛି ତାହା ଖୁବଶୀଘ୍ର ମରାମତି କରାଯିବ।



ଜିଲା ଜଜ୍ ବିଦ୍ୟୁତ୍ କୁମାର ମିଶ୍ର କେନ୍ଦ୍ରକୁ ଉଦ୍‌ଘାଟନ କରୁଛନ୍ତି।

## ମୋଟରଯାନ ଦୁର୍ଘଟଣା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ

ପୁରୀ ଅଫିସ, ୨୨।୧୧

ପୁରୀ ଜିଲାରେ ମୋଟର ଜନିତ ଦୁର୍ଘଟଣା ବଢୁଛି। ପୁରୀକୁ ସଂଯୋଗ କରୁଥିବା ତିନି ଜାତୀୟ ରାଜପଥରେ ଦୈନିକ ଦୁର୍ଘଟଣାରେ ଲୋକେ ଆହତ ହେବ ସହ ଅନେକେ ମୃତ୍ୟୁବରଣ ମଧ୍ୟ କରୁଛନ୍ତି। ତେବେ ମୃତକ ପରିବାର କ୍ଷତିପୂରଣ ପାଇବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣିକି ଏହି ସମସ୍ୟା ଦୁର ହୋଇଛି। ଶୁକ୍ରବାର ପୁରୀ ଆଇନ ସେବା ପ୍ରାଧିକରଣ ପରିସରରେ ମୋଟର ଦୁର୍ଘଟଣା ମଧ୍ୟସ୍ଥତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୋଟର ଯାନ ଦୁର୍ଘଟଣା କ୍ଷତିପୂରଣ ସମ୍ପର୍କରେ ଏଠାରେ ସମାଧାନ କରାଯାଇପାରିବ। ଏହି କେନ୍ଦ୍ରକୁ ଜିଲା ଜଜ୍ ତଥା ଆଇନ ସେବା ପ୍ରାଧିକରଣ ସଭାପତି ବିଦ୍ୟୁତ୍ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ ପ୍ରମୁଖ ଉପସ୍ଥିତ ଥିଲେ। ଏହାଦ୍ୱାରା ମଧ୍ୟସ୍ଥତା ମୋଟରଯାନ କ୍ଷତିପୂରଣ ଶୀଘ୍ର ସମାଧାନ ହୋଇପାରିବ ବୋଲି ପ୍ରାଧିକରଣ ସଚିବ ଅମରେଶ ମହାପାତ୍ର କହିଛନ୍ତି।

■ କଣାସରେ ନିରାମୟ ଯୋଜନା ନାମକୁମାତ୍ର

## ୨୪ରୁ ୬ ଘଣ୍ଟା ଖୋଲା, ଜଣେ ଫାର୍ମାସିଷ୍ଟ

କଣାସ,୨୨।୧୧(ସ୍ୱ.ପ୍ର.)

ଗରିବମାନଙ୍କ ସ୍ୱାସ୍ଥ୍ୟସେବାରେ ସୁବିଧା ପାଇଁ ରାଜ୍ୟ ସରକାର ନିରାମୟ ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ଗରିବମାନେ ମାଗଣା ଔଷଧ ପାଇପାରିବେ। କିନ୍ତୁ କଣାସ ବ୍ଲକର କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହି ନିରାମୟ ଯୋଜନା ନାମକୁମାତ୍ର ଥିବା ଦେଖାଯାଇଛି। କେନ୍ଦ୍ରଟି ୨୪ଘଣ୍ଟା ଖୋଲାରହିବାର ନିୟମ ଥିଲେ ମଧ୍ୟ ମାତ୍ର ସକାଳ ୮ଟାରୁ ୧୨ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଖୋଲା ରହୁଛି। ୧୮ଘଣ୍ଟା ବନ୍ଦ ରହୁଥିବାରୁ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିଭଳି କେନ୍ଦ୍ରରେ ୩ଜଣ ଫାର୍ମାସିଷ୍ଟ ରହିବାର ନିୟମ ଥିବାବେଳେ ମାତ୍ର ଜଣେ ଫାର୍ମାସିଷ୍ଟ ରହୁଥିବାରୁ ୬ଘଣ୍ଟା ନିରାମୟ କେନ୍ଦ୍ର ଖୋଲାରହୁଛି। ଏହାସହ କେନ୍ଦ୍ରରେ ୨୭୦ପ୍ରକାର ଔଷଧ ରହିବାର ବ୍ୟବସ୍ଥା ଥିବାବେଳେ ମାତ୍ର ୫୦ପ୍ରକାର ଔଷଧ ଉପଲବ୍ଧ ଅଛି। ସମସ୍ତ ଇଞ୍ଜେକ୍ସନ, କଫସିରପ, କାଛୁକୁଣ୍ଡିଆ ଅଏଣ୍ଟମେଣ୍ଟ, ଆଣ୍ଟିବାୟୋଟିକ୍ ବଟିକା ପ୍ରାୟ ମେଡିସିନ ନ ଥିବାରୁ ଗରିବ ରୋଗୀମାନେ ବାହାରୁ ଔଷଧ କିଣିବାକୁ ବାଧ୍ୟ ହେଉଛନ୍ତି। ଏ ନେଇ ଡିମିର ଗ୍ରାମର ଶ୍ରୀକାନ୍ତ ପଥଯୋଶୀ କୁହନ୍ତି, ସାଧାରଣ ଜ୍ୱର ଔଷଧଟିଏ ଏଠାରେ ମିଳିଲା ନାହିଁ। ଫଳରେ ବାହାରୁ ୩୫୦ଟଙ୍କା ଦେଇ ଔଷଧ ଆଣିଛି। ଅଧିକାଂଶ ଔଷଧ ନ ମିଳିବାରୁ ପ୍ରାୟ ସମୟ କେନ୍ଦ୍ର ବନ୍ଦ ହୋଇ ରହୁଛି। ଏ ସମ୍ପର୍କରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. ବନୋଜ ଦାସ କୁହନ୍ତି, ଫାର୍ମାସିଷ୍ଟଙ୍କୁ ଔଷଧ ଆଣିବା ପାଇଁ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ଚିଠି ଲେଖିବାକୁ କହିଛି। ଏହାସହ ଅଧିକ ଫାର୍ମାସିଷ୍ଟ ଯୋଗାଇବା ପାଇଁ ମଧ୍ୟ କଥା ହୋଇଛି। ଦୀର୍ଘ ୧ ମାସରୁ ଉର୍ଦ୍ଧ୍ୱ ସମୟ ହେଲା ଔଷଧ ସରିଯାଇଥିଲେ ମଧ୍ୟ ଭାରପ୍ରାପ୍ତ ଅଧିକାରୀଙ୍କ ଅବହେଳା ଯୋଗୁ ଔଷଧ ଆସି ନ ଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି।



ବନ୍ଦ ହୋଇ ପଡିଥିବା ନିରାମୟ କେନ୍ଦ୍ର ।